ବର୍ଷ-୨୫, ସଂଖ୍ୟା-୨୯୪
ଭୁବନେଶ୍ୱର
୦୬, ନଭେମ୍ବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 294
Bhubaneswar
06, November, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଟେଷ୍ଟ ଦଳକୁ ଫେରିଲେ ପନ୍ତ

# ଆରମ୍ଭ ହେଲା ଐତିହାସିକ କଟକ ବାଲିଯାତ୍ରା

**କଟକ,୫।୧୧(ମହାଭାରତ):** ବାଲିଯାତ୍ରା ଓଡିଆ ଜାତିର ସାହସ, ଦୃଢସଙ୍କଳ୍ପ ଓ ସାମୁଦ୍ରିକ ବାଣିଜ୍ୟ ସଂସ୍କୃତିର ଜୀବନ୍ତ ସ୍ମୃତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଐତିହାସିକ କଟକ ବାଲିଯାତ୍ରା ୨୦୨୫ ଅବସରରେ କହିଛନ୍ତି ।

କଟକର ବାଲିଯାତ୍ରା ପଡିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଗୌରବମୟ ଇତିହାସର ଏକ ସୁନ୍ଦର ପରିଚୟ ହେଉଛି ବାଲିଯାତ୍ରା। ପୂର୍ବ ଭାରତର ସବୁଠାରୁ ବଡ଼ ସାଂସ୍କୃତିକ ବାଣିଜ୍ୟିକ ମେଳା, ଯାହା କାହିଁ କେଉଁ ଦିନରୁ ମହାନଦୀ କୂଳରେ ଅନୁଷ୍ଠିତ ହୋଇ ଆସୁଛି। ବାଲିଯାତ୍ରା ଅୟୋଜନ ପାଇଁ ପୂର୍ବରୁ ୨ କୋଟି ଟଙ୍କା ସରକାରୀ ଅନୁଦାନ ମିଳୁଥିବା ବେଳେ ଚଳିତ ବର୍ଷ ଠାରୁ ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ଉତ୍ସବ ପାଇଁ ୧୦ କୋଟି ଟଙ୍କା ସରକାରୀ ଅନୁଦାନ ମିଳିବ ବୋଲି ଘୋଷଣା କରିଥିଲେ। ଏଥି ସହିତ ସିଲଭର ସିଟି ଭାବେ ଖ୍ୟାତି ଅର୍ଜନ କରିଥିବା କଟକ ସହରକୁ ତାରକସି ହବ୍‌ରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ସେ ପୁଣି କହିଥିଲେ ମହାନଦୀ ରିଭର ଫ୍ରଣ୍ଟ ଯୋଜନାରେ କଟକ ମହାନଦୀ ତଟର ସୋନ୍ଦର୍ଯ୍ୟକରଣ ପାଇଁ ୨୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଐତିହାସିକ ବାଲିଯାତ୍ରାକୁ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରିରହିଛି ଏବଂ ଓଡ଼ିଶାର ଗର୍ବ ବାରବାଟୀ ଦୁର୍ଗ ଓ ଗଡଖାଇର ବିକାଶ କାର୍ଯ୍ୟ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆଗାମୀ ଦିନରେ ମହାନଦୀ ପଠାରେ ଥିବା ଧବଳେଶ୍ୱର ପୀଠ ଓ ନନ୍ଦୀକିଶୋର ପୀଠର ବିକାଶ କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ବାଲିଯାତ୍ରା କେବଳ ଏକ ବାଣିଜ୍ୟ ଉତ୍ସବ ନୁହେଁ ଏହା ଓଡ଼ିଶାର କଳା, ସଂସ୍କୃତି ଓ ଧର୍ମୀୟ ଭାବନା ସହିତ ଓତଃପ୍ରତଃ ଭାବେ ଜଡ଼ିତ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ସ୍ଲୋଗାନ, ବିକାଶ ଭି, ବିରାଶତ ଭି ମନ୍ତ୍ରକୁ ପାଥେୟ କରି ଆମ ସରକାର ରାଜ୍ୟରେ ସାଂସ୍କୃତିକ ଧରୋହର ଏବଂ ବିକାଶକୁ ଏକ ନୂଆ ଗତି ଦେଇଛନ୍ତି। ବାଲିଯାତ୍ରା ଉତ୍ସବ ହେଉଛି ଆମ ସାଂସ୍କୃତିକ ଧରୋହରର ଜୀବନ୍ତ ପ୍ରତିକ। ଓଡିଶାରେ ୫୭୫ କିଲୋମିଟର ସୁଦୀର୍ଘ ତଟ ରେଖା ଅଛି, ଆମ ସରକାର ଏହାର ସଦୁପଯୋଗ କରି ପ୍ରମୁଖ ବନ୍ଦର ଭିତ୍ତିକ ଅର୍ଥନୀତି ମାଧ୍ୟମରେ ରାଜ୍ୟକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ ପାରାଦୀପ, ଧାମରା, ଗୋପାଳପୁର ବ୍ୟତୀତ ରାଜ୍ୟ ରେ ଆଗାମୀ ଦିନରେ ୧୪ଟି ଛୋଟ ଛୋଟ ବନ୍ଦର ନିର୍ମାଣ ହେବ ସୁବର୍ଣ୍ଣରେଖା, ଅସ୍ତରଙ୍ଗ, ଜଟାଧାର ମୁହାଣରେ ବନ୍ଦର ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି ବାହୁଦା ବନ୍ଦରର ବିକାଶ ପାଇଁ ୨୧ ହଜାର ୫୦୦ କୋଟି ଟଙ୍କାର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି ଏବଂ ପାରାଦୀପ ପରେ ବାହୁଦା ହେବଓଡିଶା ର ଦ୍ୱିତୀୟ ବୃହତ୍ତମ ବନ୍ଦର ୨୪ ହଜାର ୭୦୦ କୋଟି ଟଙ୍କାରେ ପାରାଦୀପ ନିକଟରେ ମହାନଦୀ ମୁହାଣରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବା ପାଇଁ ଯୋଜନା ରହିଛି। ଅଗେମୀ ଦିନରେ ନୌବାଣିଜ୍ୟ କ୍ଷେତ୍ରରେ ଓଡ଼ିଶା ହେବ ପୂର୍ବ ଭାରତର ଗେଟ୍ ୱେ ବୋଲି ସେ କହିଥିଲେ।



ସରକାର ଗଠନର ୫୦୦ ଦିନ ମଧ୍ୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ଶିଳ୍ପ, ମହିଳା ସଶକ୍ତି କରଣ ,ଭିତ୍ତିଭୂମି, ଓଡିଆ ଅସ୍ମିତା ଆଦି ସମସ୍ତ କ୍ଷେତ୍ରରେ ସରକାର ମନପ୍ରାଣ ଦେଇ କାମ କରୁଛନ୍ତି।କଟକ ବାସୀଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଟକ ହେଉଛି ଭାଇଚାରାର ସହର। ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖନ୍ତୁ।

ବାଲିଯାତ୍ରା ଷ୍ଟଲ୍ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ବର୍ଷର ବାଲିଯାତ୍ରା ବହୁତ ଆକର୍ଷଣୀୟ ହୋଇଛି।ଏ ବର୍ଷ ପାଖାପାଖି ୨୦୦୦ ଟି ଷ୍ଟଲ ଖୋଲାଯାଉଛି। ବ୍ୟବସାୟ ଦୃଷ୍ଟିକୋଣ ସହିତ, ନୂଆ ନୂଆ ପ୍ରଡକ୍ଟ ସମ୍ପର୍କରେ ଜାଣିବା ଏବଂ ଭାଇଚାରାର ବନ୍ଧନକୁ ସୁଦୃଢ଼ କରିବା ହେଉଛି ଆମର ଲକ୍ଷ୍ୟ। ଗତବର୍ଷ ୨୦୦ କୋଟି ଟଙ୍କାର ବିଜନେସ ହୋଇଥିବା ବେଳେ ଚଳିତବର୍ଷ ଆହୁରି ଅଧିକ ହେବ ବୋଲି ସେ ଆଶା କରିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ସ୍ମରଣିକା ଉନ୍ମୋଚନ କରିବା ସହିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତଙ୍କୁ କଟକ ତାରକସି କାମର ଏକ ବୋଇତ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବଡ଼ମ୍ବା ମୋହନ୍ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କଳା ନନ୍ଦିନୀ ନାଟକ ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ଓ ଟ୍ରଫି ପ୍ରଦାନ କରିବା ସହିତ ଭାଷା ଓ ସାହିତ୍ୟକୁ ପ୍ରୋତ୍ସାହନ ପ୍ରକ୍ରିୟାରେ ପିଲାମାନଙ୍କୁ ପୁସ୍ତକ ବିତରଣ କରିଥିଲେ।

ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, କଟକ ସାଂସଦ ଭର୍ତ୍ତୃହରି ମହତାବ, ହୋଷ୍ଟ କଣ୍ଟ୍ରି ଭାବେ ଯୋଗଦେଇଥିବା ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା ଏଚ କୃଷ୍ଣମୂର୍ତ୍ତି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ସେ ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୌଭିକ ବିଶ୍ୱାଳ, ସୋଫିଆ ଫିର୍ଦୋଶ, ପ୍ରକାଶ ଚନ୍ଦ୍ର ସେଠୀ ବାଲିଯାତ୍ରା ଉଦଘାଟନୀ ଅବସରରେ ବକ୍ତବ୍ୟ ରଖିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ, ଆରଡିସି ଶ୍ରୀମତି ଗୁହା ପୁନମ ତାପସ କୁମାର, ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭାରତୀୟ ବଂଶୋଦ୍ଭବ ହେଲେ ନ୍ୟୁୟର୍କର ମେୟର



**ନୂଆଦିଲ୍ଲୀ,୫।୧୧(ମହାଭାରତ):** ଭାରତୀୟ ବଂଶୋଦ୍ଭବ ଜୋହରାନ ମମଦାନୀ ନ୍ୟୁୟର୍କର ମେୟର ହୋଇଛନ୍ତି। ନ୍ୟୁୟର୍କର ମେୟର ପଦ ପାଇଁ ଡେମୋକ୍ରାଟିକ୍ ପାର୍ଟିରୁ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି।ଏହି ବିଜୟ ସହିତ ଜୋହରାନ୍ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମୁସଲିମ ମେୟର ହୋଇଛନ୍ତି। ବିଜୟ ହେବା ପରେ ନିଜର ପ୍ରଥମ ଭାଷଣରେ ଜୋହରାନ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କୁ ମନେ ପକାଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାରଙ୍କ ପୁଅ ଜୋହରାନ ମମଦାନୀ ୬୫୦,୦୦୦ରୁ ଅଧିକ ଭୋଟ କିମ୍ବା ପ୍ରାୟ ୫୧.୨ ପ୍ରତିଶତ ଭୋଟ ସହିତ ନିର୍ବାଚନରେ ବିଜୟୀ ହୋଇ ନ୍ୟୁୟର୍କର ପ୍ରଥମ ମୁସଲିମ ମେୟର ହୋଇଛନ୍ତି।

## ମାଡ଼ିଗଲା ଏକ୍ସପ୍ରେସ୍, ୮ ମୃତ

**ମୀରଜାପୁର,୫।୧୧(ମହାଭାରତ):** ଉତ୍ତର ପ୍ରଦେଶର ମିର୍ଜାପୁର ଜିଲ୍ଲାରେ ବୁଧବାର ସକାଳେ ଚୁନାର ରେଲୱେ ଷ୍ଟେସନ୍‌ରେ ଭୟାବହ ଟ୍ରେନ୍ ଦୁର୍ଘଟଣା ଘଟିଛି। ନେତାଜୀ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ୮ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ୬ ଜଣ ମହିଳା ଅଛନ୍ତି। ଦୁର୍ଘଟଣାରେ ଅନେକ ଲୋକ ଗୁରୁତର ଭାବରେ ଆହତ ହୋଇଛନ୍ତି ଓ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରେଳ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୀଡିତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ଏବଂ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣା ସକାଳ ପ୍ରାୟ ୯:୩୦ ରେ ଚୁନାର ରେଲୱେ ଷ୍ଟେସନ୍‌ର ପ୍ଲାଟଫର୍ମ ନମ୍ବର ୩ ରେ ଘଟିଥିଲା। ଖବର ଅନୁସାରେ, ଚୋପନ୍‌ରୁ ଆସିଥିବା ପାସେଞ୍ଜର ଟ୍ରେନ୍ ଷ୍ଟେସନ୍‌ରେ ପହଞ୍ଚିବା ପରେ କାର୍ତ୍ତିକ ପୂର୍ଣ୍ଣିମା ପର୍ବ ହେତୁ ଭିଡ଼ ବେଶି ଥିଲା। ଏହି କାରଣରୁ କିଛି ଶ୍ରଦ୍ଧାଳୁ ପ୍ଲାଟଫର୍ମ ଦିଗରୁ ନଓହ୍ଲାଇ ଅନ୍ୟ ପାର୍ଶ୍ୱରେ ଟ୍ରାକ୍ ମାଧ୍ୟମରେ ତଳକୁ ଓହ୍ଲାଇବାକୁ ଲାଗିଥିଲେ। ସେତିକିବେଳେ ତୀବ୍ର ଗତିରେ ଆସୁଥିବା ନେତାଜୀ ଏକ୍ସପ୍ରେସ୍ ସେହି ଟ୍ରାକ୍ ଦେଇ ଯାଇଥିଲା ଓ ଶ୍ରଦ୍ଧାଳୁମାନେ କିଛି ବୁଝିବା ପୂର୍ବରୁ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା।

ଦୁର୍ଘଟଣା ପରେ ଘଟଣାସ୍ଥଳ ଦେଖି ହୃଦୟ ବିଦାରକ ଦୃଶ୍ୟ ଥିଲା। ରେଳ ଟ୍ରାକ୍ ଉପରେ ସବୁଦିଗରେ ଶବ ପଡ଼ିଥିଲା। ପୋଲିସ ମୃତଦେହଗୁଡିକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଆହତ ଯାତ୍ରୀମାନଙ୍କୁ ତତକ୍ଷଣାତ୍ ଜିଲ୍ଲା ହସ୍ପିଟାଲ ଓ ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକମାନଙ୍କ ମଧ୍ୟରୁ ଅଧିକାଂଶ କାର୍ତ୍ତିକ ପୂର୍ଣ୍ଣିମା ସ୍ନାନ ପାଇଁ ଗଙ୍ଗାଘାଟ ଯାଉଥିଲେ।

## ବଢ଼ିଲା ଧାନର ଏମଏସପି

**ଭୁବନେଶ୍ୱର,୫।୧୧(ମହାଭାରତ):** ଚଳିତ ଖରିଫ ଋତୁରେ ଧାନ କ୍ୱିଣ୍ଟାଲ ପିଛା ଆଉ ୬୯ ଟଙ୍କା ଅଧିକ ପାଇବେ ଚାଷୀ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଅକ୍ଟୋବର ୧୦ ରେ କେନ୍ଦ୍ର ସରକାର ଧାନର ଏମଏସପି ବୃଦ୍ଧି ପାଇଁ ୬୯ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲା । ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ଲାଗୁ କରିବାକୁ ଯାଉଛନ୍ତି । ବର୍ଦ୍ଧିତ ଏମଏସପି ଅନୁଯାୟୀ ଚାଷୀଙ୍କୁ ଏବେ ୩୧୬୯ ଟଙ୍କା ଦେବେ ରାଜ୍ୟ ସରକାର । ଗ୍ରେଡ୍-ଏ ଧାନ କ୍ୱିଣ୍ଟାଲ୍ ପିଛା ୩୧୮୯ ଟଙ୍କା ମିଳିବ । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପ୍ରଥମ କ୍ୟାବିନେଟ ବୈଠକରେ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରାଯାଇଥିଲା । ଧାନର ଏମଏସପି ଉପରେ ୮୦୦ ଟଙ୍କାର ବୋନସ ପ୍ରଦାନ କରାଯାଇଥିଲା। ଫଳରେ ଚାଷୀଙ୍କୁ କ୍ୱିଣ୍ଟାଲ୍ ପିଛା ୩୧ଶହ ଟଙ୍କା ମିଳୁଥିଲା। ଏହା ପରେ ପୁଣି ଥରେ କେନ୍ଦ୍ର ସରକାର ୬୯ଟଙ୍କା କ୍ୱିଣ୍ଟାଲ୍ ପିଛା ବର୍ଦ୍ଧିତ କରିଛନ୍ତି। ତେଣୁ କେନ୍ଦ୍ରର ୨୩୬୯ ଟଙ୍କା ଏବଂ ରାଜ୍ୟର ୮୦୦ ଟଙ୍କା ସବସିଡିକୁ ମିଶାଇ ମୋଟ ୩୧୬୯ ଟଙ୍କା ପ୍ରଦାନ କରାଯିବ ।

## ସରିଲା ଧର୍ମମାସ କାର୍ତ୍ତିକ

**ଭୁବନେଶ୍ୱର,୫।୧୧ (ମହାଭାରତ):** ଆଜି ଧର୍ମମାସ କାର୍ତ୍ତିକର ଶେଷ ଦିନ। ଆଜିର ଦିନରେ ବୋଇତ ବନ୍ଦାଣ ପରମ୍ପରା ରହିଛି। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ରାଜ୍ୟବ୍ୟାପୀ ଲୋକେ ଡଙ୍ଗା ଭସାଇଛନ୍ତି। ପୁଷ୍କରିଣୀ, ନଦୀ, ନାଳ, ସମୁଦ୍ର ସବୁଠି ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର ଗୀତ ଗାଇ ଡଙ୍ଗା ଭସାଇଛନ୍ତି। ଆଜି ସକାଳୁ ସକାଳୁ ବିଭିନ୍ନ ଜଳାଶୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସୁରକ୍ଷା ପାଇଁ ବିଭିନ୍ନ ନଦୀ ଓ ପୁଷ୍କରଣୀ କୂଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂର୍ବରୁ ବୋଇତ ଯାତ୍ରାରେ ଦୂର ଦେଶକୁ ଯାଉଥିଲେ ସାଧବ ପୁଅ। ସେମାନଙ୍କର ଗୌରବମୟ ଗାଥାର ସ୍ମୃତି ଚାରଣ କରି ଆଜି ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି।
କାର୍ତ୍ତିକ ମାସ ଶେଷ ହୋଇଗଲା। ସରକାରଙ୍କ ତରଫରୁ ପାଞ୍ଚଟି ହବିଷ୍ୟାଳି ଶିବିରରେ ଭକ୍ତିଭାବ ସହ ଏକ ବିଷାଦ ପରିବେଶ ସୃଷ୍ଟି ହୋଇଥିଲା। ଗୋଟିଏ ପରିବାର ପରି ଆତ୍ମୀୟତା ଭାବ ସୃଷ୍ଟି ହୋଇଥିଲା। ସକାଳୁ ସ୍ନାନ, ସୂର୍ଯ୍ୟ ନମସ୍କାର, ରାଧା ଦାମୋଦରଙ୍କ ପୂଜା, ଧୂପଦୀପ ଅର୍ଘ୍ୟଦାନ ସମୟରେ ଗୋଟିଏ ଭାବରେ ପ୍ରଭୁଙ୍କ କଥା ଚିନ୍ତା କରି ସମୟ ବିତି ଯାଉଥିଲା। ଘରଦ୍ୱାର ନାତି ନାତୁଣୀ ଆତ୍ମୀୟସ୍ୱଜନ ସବୁ ଭୁଲି ଯାଇଥିଲେ। କାଳିଆର କଳାମୁଖ ଦର୍ଶନ ଓ ମହାପ୍ରସାଦ ସେବନରେ ଦିନ ବିତି ଯାଉଥିଲା। ଶିଶୁମାନେ ଯେପରି ଖେଳରେ ମଜିଯାଇ ସମୟ ଜାଣି ପାରନ୍ତି ନାହିଁ। ସେହିପରି ହବିଷ୍ୟାଳୀ ମାନେ ରାଇଦାମୋଦର ପ୍ରେମରେ ମଜି ଯାଇଥିଲେ। ବୟସ ଅଧିକ ହୋଇଥିଲେ ମଧ୍ୟ ଶିବିରରେ ବାଳକୃଷ୍ଣଙ୍କ ପରି ଦହି ବିକ୍ରି କୋଳି ବିକ୍ରି ଅଭିନୟ କରି ସମୟ କଟି ଯାଉଥିଲା । କାର୍ତ୍ତିକ ପୂର୍ଣ୍ଣମୀ ବୁଧବାର ସକାଳୁ ସବୁ କାମ ସରିବା ପରେ ଘରବାହୁଡା ସମୟରେ ଆଖିରୁ ଲୁହ ଝରୁଥିଲା।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## କ୍ରାଇମ୍‌ସିନ୍ ରିକ୍ରିଏସନ୍ କଲା ପୋଲିସ

**ବ୍ରହ୍ମପୁର,୫।୧୧(ମହାଭାରତ):** ବହୁ ଚର୍ଚ୍ଚିତ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ କ୍ରାଇମ୍‌ସିନ୍ ରିକ୍ରିଏସନ୍ କରିଛି ପୋଲିସ। ଦୁଇ ହତ୍ୟାକାରୀ ସାର୍ପ ସୁଟର୍ କୁରୁପତି ଭୂୟାଁ ଏବଂ ବାଇକ ଚାଳକ ଚିଣ୍ଟୁକୁ ବୈକୁଣ୍ଠନଗରର ହତ୍ୟାକାଣ୍ଡ ସ୍ଥଳକୁ ନେଇଛି ପୋଲିସ। ସେଦିନ କିପରି ଆସିଥିଲେ ଏବଂ କିପରି ପଏଣ୍ଟ ବ୍ଲାଙ୍କରୁ ଗୁଳି କରିଥିଲେ ତାହାର ନକଲ କରି ଦେଖାଇଛନ୍ତି ଦୁଇ ଅଭିଯୁକ୍ତ ।

ସେପଟେ ପୀତବାସ ପଣ୍ଡାଙ୍କ ସାନ ଭାଇ ମଧ୍ୟ ଆଜି ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଘଟଣା ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଏ ଦୁଇ ଜଣ କେବଳ ମୋହରା ଥିଲେ । ସେମାନେ ପୀତବାସଙ୍କୁ ଚିହ୍ନି ନ ଥିଲେ, କେବଳ କେତେଟା ପଇସା ପାଇଁ ସେମାନେ ହତ୍ୟା କରିଛନ୍ତି। କିନ୍ତୁ ଏହା ପଛରେ ଅସଲି ଚେହେରା ଅଛନ୍ତି। ସେମାନେ ରାଜନେତା ଅଟନ୍ତି, ବ୍ରହ୍ମପୁର ବାସିନ୍ଦା ସେମାନଙ୍କୁ ଉପଯୁକ୍ତ ଜବାବ ଦେବେ। ସେ ଆହୁରି କହିଛନ୍ତି ତାଙ୍କ ପୁତୁରା ଅର୍ଥାତ ପୀତବାସଙ୍କ ପୁଅକୁ ହତ୍ୟାକାଣ୍ଡ ପୂର୍ବରୁ ମଧ୍ୟ ଧମକ କଲ୍ ଆସିଥିଲା । ପୀତବାସଙ୍କୁ ହତ୍ୟା କରିବାକୁ ଧମକ ଦେବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ମଧ୍ୟ କରିଥିଲେ।ଅଭିଯୁକ୍ତ ଉମା ବିଷୋୟୀ ନିଜ ଘର ବନ୍ତପଲ୍ଲୀ ଗ୍ରାମର ଚିଣ୍ଟୁ ପ୍ରଧାନ ଓ କୁରୁପତି ଭୂୟାଁଙ୍କୁ ପୀତବାସଙ୍କୁ ହତ୍ୟା କରିବାକୁ ସୁପାରୀ ଦେଇଥିଲେ। ଚିଣ୍ଟୁ ବେଙ୍ଗାଲୁରୁରେ ରହୁଥିଲା । ସେ ବେଙ୍ଗାଲୁରୁ ବ୍ରହ୍ମପୁର ଆସିବା ପରେ ଅଳକାପୁରୀରେ ଏକ ନିର୍ମାଣଧୀନ ଘରେ



ରହିଥିଲେ।ଗାଡ଼ି ଚଳାଇଥିବା ଚିଣ୍ଟୁକୁ ୩ ଲକ୍ଷ ଏବଂ ଗୁଳି ଚଳାଇଥିବା କୁରୁପତିକୁ ୫ ଲକ୍ଷ ଦେବାକୁ ଡିଲ୍ ହୋଇଥିଲା। ଉଭୟ ଅକ୍ଟୋବର ୬ ତାରିଖ ରାତିରେ ପୀତବାସଙ୍କୁ ବୈକୁଣ୍ଠନଗର ଅଞ୍ଚଳରେ ପଏଣ୍ଟ ବ୍ଲାଙ୍କରୁ ହତ୍ୟା କରି ଫେରାର୍ ହୋଇଯାଇଥିଲେ । ପୀତବାସଙ୍କ ଘରଠାରୁ ମାତ୍ର ୫୦ ମିଟର୍ ଦୂରରେ ହତ୍ୟା କରାଯାଇଥିଲା । ମୋଟ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା ।

## ଟ୍ରେନ୍ ଧକ୍କାରେ ଦନ୍ତା ହାତୀ ମୃତ, ୩ ନିଲମ୍ବିତ

**ବେତନଟୀ,୫।୧୧(ମହାଭାରତ):** ଗତ ୧ତାରିଖ ବିଳମ୍ବିତ ରାତିରେ ବାରିପଦା ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଶାଲିମାର ସୁପରଫାଷ୍ଟ ଟ୍ରେନ୍ ଧକ୍କାରେ ଦନ୍ତା ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଆଜି କାର୍ଯ୍ୟାନୁଷ୍ଠାନ ନେଇଛି। ହାତୀ ମୃତ୍ୟୁ ଘଟଣାରେ ଜଣେ ବନପାଳ ଏବଂ ୨ଜଣ ବନରକ୍ଷୀ ନିଲମ୍ବିତ ହୋଇଛନ୍ତି। ବେତନଟୀ ରେଞ୍ଜ ଅଧୀନ ଆଗ୍ରିଆ ରେଳଫାଟକ ନିକଟରେ ଏକ ବିଶାଳକାୟ ଦନ୍ତାହାତୀର ମୃତ୍ୟୁ ଘଟଣାରେ ବନବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଏଥିରେ ବେତନଟୀ ହେଡକ୍ୱାର୍ଟର ବନପାଳଙ୍କ ସମେତ ଦୁଇଜଣ ବନରକ୍ଷୀଙ୍କୁ ନିଲମ୍ବନ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡ. ପ୍ରକାଶଚନ୍ଦ୍ର ଗୋଗିନେନି ନିଜର କାର୍ଯ୍ୟାଳୟ ନିର୍ଦ୍ଦେଶରେ ହାତୀଚଳାଚଳକୁ ନେଇ ରେଳବିଭାଗ ସହିତ ସମନ୍ୱୟ ରକ୍ଷା କରିନଥିବା ତଥା ହାତୀ ପରିଚାଳନା ଦାୟିତ୍ୱରେ ଅବହେଳା ପ୍ରଦର୍ଶନ ପାଇଁ ଚାକିରୀରୁ ନିଲମ୍ବନ କରିଛନ୍ତି।

## ଆଜି ନୂଆପଡ଼ାରେ ପ୍ରଚାର କରିବେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ

**ନୂଆପଡ଼ା,୫।୧୧(ମହାଭାରତ):** ନୂଆପଡାରେ ପ୍ରଚାର ସରିବାକୁ ଆଉ ମାତ୍ର ୪ ଦିନ ବାକି ରହିଥିବାବେଳେ ମୈଦାନକୁ ଓହ୍ଲାଇବେ ରଥୀ ମହାରଥୀ। ବିଜେପିର ଦୁଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଷ୍ଣୁଦେବ ସାଏ ଆସନ୍ତାକାଲି ନୂଆପଡାରେ ଧୂଆଁଧାର ପ୍ରଚାର କରିବେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୂର୍ବାହ୍ନ ୧୧ଟା ୩୦ରେ କୋମନାରେ ରୋଡ୍ ସୋ କରି ସାଧାରଣ ସଭାରେ ଯୋଗଦେବେ। ସେପଟେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବି ନୂଆପଡା ପ୍ରଚାରକୁ ଓହ୍ଲାଇବେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୋମନାରେ ଆୟୋଜିତ ବିଶାଳ ରୋଡ ସୋରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କୋମନାରେ ରୋଡ଼ ସୋ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ୨୫ ହଜାର ଲୋକଙ୍କ ସମାଗମ ପାଇଁ ଯୋଜନା କରୁଛି ବିଜେପି। ମୁଖ୍ୟମନ୍ତ୍ରୀ ହେଲିକେପ୍ଟର ଯୋଗେ ଆସି ରୋଡ଼ ସୋରେ ଯୋଗ ଦେଇ ପୁଣି ରାତିରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ଏକ ସାଧାରଣ ସଭା କରିବେ। ମୁଖ୍ୟମନ୍ତ୍ରୀ ରାୟପୁରରୁ ହେଲିକପ୍ଟର ଯୋଗେ ନୂଆପଡା ଯାତ୍ରା କରିବେ ଏବଂ ରାଲି ପରେ ଫେରିବେ।





ନୂଆପଡାରେ ବିଜେପି ଓ କଂଗ୍ରେସକୁ ଟକ୍କର ଦେବାକୁ ବିଜେଡି ବି ଜୋରସୋରରେ ପ୍ରଚାର ଚଳାଇଛି। ୭ ତାରିଖରେ ପୁଣି ନୂଆପଡା ଦଳୀୟ ସମାବେଶ ସହ ବସରେ ରୋଡ ଶୋ କରିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏ ନେଇ ସେ ଭିଡିଓ ବାର୍ତ୍ତା ବି ଜାରି କରିଛନ୍ତି। ନୂଆପଡା ଓ ଖରିଆର ରୋଡରେ ସମାବେଶ ସହ ବସରେ ବୁଲି ପ୍ରଚାର କରିବେ ୩ ତାରିଖରେ ନୂଆପଡା ଯାଇ ବିଜେପିକୁ ଟାର୍ଗେଟ କରିଥିଲେ ବିରୋଧୀ ଦଳ ନେତା।

ମୋହନ, ନବୀନଙ୍କ ପରେ ୮ ତାରିଖରେ କଂଗ୍ରେସ ବି ଏକ ସମାବେଶ କରିବ ବୋଲି ଜଣାପଡିଛି। ଏଥିରେ ଛତିଶଗଡର କିଛି ବଡ଼ କଂଗ୍ରେସ ନେତା ସାମିଲ ହେବା ସମ୍ଭାବନା ରହିଛି । ବିଜେପି, ବିଜେଡି ଓ କଂଗ୍ରେସର ନୂଆପଡାରେ କିଛି ପକେଟ ଭୋଟ ଥିବାରୁ ଅନ୍ୟ ଭୋଟ ହାତେଇବା ପାଇଁ ୩ ଦଳ ପ୍ରାଣ ମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି ।

# ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦରର ଭୂମିକା ଉଲ୍ଲେଖନୀୟ

**ପାରାଦୀପ,୫।୧୧(ମହାଭାରତ):** ପାରାଦୀପ ବନ୍ଦରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା, ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ବନ୍ଦର ଭିତ୍ତିକ ଉନ୍ନତି ଉପରେ ଗୁରୁତ୍ୱ ଦେଇ ଏକ ଦୃଢ ସନ୍ଦେଶ ଦେଲେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ମାତ୍ର ଏକ ପର୍ବ ନୁହେଁ, ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ ଓ ସାଧବମାନଙ୍କ ଦୁଃସାହସିକ ମନୋବଳର ପ୍ରତୀକ। ଏହି ପରମ୍ପରା ଆଜି ବି ଓଡ଼ିଆ ଜନତାଙ୍କୁ ପ୍ରେରଣା ଦେଉଛି ଯେ, ସେମାନେ ଧୈର୍ଯ୍ୟ ଓ ସାହସ ସହିତ ନୂଆ ଶିଖର ଛୁଇଁପାରନ୍ତି।

ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦରର ଅଗ୍ରଣୀ ଭୂମିକାକୁ ଉଲ୍ଲେଖ କରି କହିଥିଲେ ଯେ, ଏହା ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଚିତ ହୋଇଛି। ୨୦୧୫ ମସିହାରେ ୭୧ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ଥିଲା ଏହି ବନ୍ଦରର, ଯାହା ବଢ଼ି ୨୦୨୫ରେ ୧୫୦ ନିୟୁତ ଟନ୍‌କୁ ପହଞ୍ଚିଛି। ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ। "ମାରି-ଟାଇମ ଇଣ୍ଡିଆ ଭିଜନ ୨୦୩୦" ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ "ବିକଶିତ ଭାରତ ୨୦୪୭" ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କଲେ।



ସେ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି। ସେହିପରି, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ ଓ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପ ମୁଖ୍ୟ କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି ସେ ଆଶା ବ୍ୟକ୍ତ କଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ, ଭାରତ ସରକାରଙ୍କ "ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ୍ ଲଜିଷ୍ଟିକ୍ ପଲିସି" ଯୋଜନା ସହ ସମନ୍ୱୟ କରି ଓଡ଼ିଶାରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଉଛି। ରାଜ୍ୟ ସରକାର ତଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ କୋଷ୍ଟାଲ୍ ଇକୋନୋମିକ୍ ଜୋନ ସ୍ଥାପନ ପାଇଁ ଉଦ୍ୟମ କରୁଛି। ସେ କହିଲେ ଯେ, "ମୋଦୀଜୀଙ୍କ ଦୃଢ ନେତୃତ୍ୱରେ ଭାରତ ନୌବାଣିଜ୍ୟରେ ନୂତନ ଯୁଗକୁ ପ୍ରବେଶ କରିଛି ଓ 'ମାରି-ଟାଇମ୍ ଅମୃତକାଲ୍ ଭିଜନ ୨୦୪୭' ଅନୁଯାୟୀ ଦେଶର ବନ୍ଦରମାନେ ବିଶ୍ୱସ୍ତରୀୟ ହେବେ।

କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ର କରି ଶିଳ୍ପ, ଆଧାରଭୂତ ସଂରଚନା, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛି। ପାରାଦୀପ ବନ୍ଦରର ବିକାଶ ମାତ୍ର ଓଡ଼ିଶାକୁ ନୁହେଁ, ସମଗ୍ର ଭାରତର ମାରିଟାଇମ୍ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ, ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ, ବୋଲି ସେ ଉଲ୍ଲେଖ କଲେ।

ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ କହିଥିଲେ ଯେ, ଭବିଷ୍ୟତରେ ପାରାଦୀପ ବନ୍ଦରକୁ କେନ୍ଦ୍ର କରି ଏଠାରେ ଅନେକ ନୂତନ ଶିଳ୍ପ, ଶିକ୍ଷା ଓ ପରିବହନ ଆଧାରିତ ପ୍ରକଳ୍ପ ଆସିବ, ଯାହା ଜଗତସିଂହପୁର ଓ ସମଗ୍ର ଓଡ଼ିଶାର ଅର୍ଥନୀତିକ ମାନଚିତ୍ରକୁ ପରିବର୍ତ୍ତନ କରିଦେବ। ପାରାଦୀପର ସଫଳତା ହେଉଛି ଓଡ଼ିଶାର ଗର୍ବ ଓ ଭବିଷ୍ୟତର ଆଶା ବୋଲି ସେ ତାଙ୍କ ଅଭିଭାଷଣ ଶେଷ କଲେ।ଗତ ଚାରି ବର୍ଷ ଧରି ପାରାଦୀପ ବନ୍ଦର ନିରନ୍ତର ଭାବେ ନୂତନ ରେକର୍ଡ ସୃଷ୍ଟି କରିଛି ଓ ପୂର୍ବ ପଚାଶ ବର୍ଷର ସଫଳତାକୁ ଅତିକ୍ରମ କରିଛି। କ୍ଷମତା ବୃଦ୍ଧି, ବ୍ୟବସାୟିକ ପଦ୍ଧତିର ଉନ୍ନତି, ଦକ୍ଷତା ବିକାଶ ଓ ସମସ୍ତଙ୍କଠାରୁ ଅଧିକ 'ଟିମ୍ ପାରାଦୀପ'ର ଅକ୍ଲାନ୍ତ ଶ୍ରମ ଓ ସମର୍ପଣର ଫଳରେ, ପାରାଦୀପ ବନ୍ଦର ଆଜି ଦେଶର ନମ୍ବର ଏକ ବନ୍ଦର ଭାବେ ପରିଚିତ ହୋଇଛି ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ପି. ଏଲ୍.ହରନାଧ କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଜେ.ସୋନାଲ, କେନ୍ଦ୍ରାଞ୍ଚଳ ଡ଼ି. ଆଇ. ଜି ଡଃ ସତ୍ୟଜିତ ନାଏକ ପ୍ରମୁଖ ମଂଚାସୀନ ଥିବା ବେଳେ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଅଲେଖ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ୭ରୁ ୨୬ ଓଡ଼ିଶା ଗାଇବ ବନ୍ଦେ ମାତରମ୍

**ଭୁବନେଶ୍ୱର,୫।୧୧ (ମହାଭାରତ):** ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"କୁ ୭ ନଭେମ୍ବରରେ ୧୫୦ ବର୍ଷ ପୁରିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"ର ୧୫୦ ବର୍ଷକୁ ମହାସମାରୋହରେ ପାଳନ କରିବାକୁ ନିଷ୍ପତି ନେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ସାହ ସହ ଏହି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛନ୍ତି। ଭାରତୀୟ ଜନତା ପାର୍ଟି ସବୁବେଳେ ଏହି ଗୀତକୁ ପ୍ରାଧାନ୍ୟ ଦେଇଆସିଛି। ଏନେଇ ଦଳ ପକ୍ଷରୁ ମଧ୍ୟ ଏହି ଗୀତକୁ ସାରା ଦେଶରେ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସ୍ଥିରକୃତ ହୋଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିଷ୍ଣୁ ଦାସ କହିଛନ୍ତି। ଆସନ୍ତା ୭ ତାରିଖରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସାରାଦେଶର ୧୫୦ଟି ସ୍ଥାନରେ ହେବାକୁ ନିଷ୍ପତି ହୋଇଛି।

# ଆଲୁ ପୁରି’

**ଆବଶ୍ୟକ ସାମଗ୍ରୀ :** ଅଟା, ଆଲୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଚଲୁଣୀରେ ଚଲାଇ ନିଅନ୍ତୁ ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଲୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଲୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଲୁ ପୁରି ।



····· ପରଦା ଖବର ······

# କମ୍ପୁନି ‘ଏକ ଦିୱାନେ କି ଦିୱାନିୟତ’ କ୍ରେଜ୍

କମ୍ପୁନି ‘ଏକ ଦିୱାନେ କି ଦିୱାନିୟତ’ କ୍ରେଜ । ବକ୍ସ ଅଫିସରେ ରାଜ୍ କରୁଛି ହର୍ଷବର୍ଦ୍ଧନ ରାଣେ ଏବଂ ସୋନମ ବାଜୱା ଅଭିନୀତ ଫିଲ୍ମ ‘ଏକ ଦିୱାନେ କି ଦିୱାନିୟତ’ । ଫିଲ୍ମଟି ଦୀପାବଳି ଅବସରରେ ରିଲିଜ ହୋଇଥିବା ବେଳେ ଫିଲ୍ମର କାହଣୀ ଓ ଗୀତ ବେଶ ଲୋକପ୍ରିୟତା ସାଉଁଟିଛି । ଫିଲ୍ମ ରିଲିଜ ହେବାର ଦୁଇ ସପ୍ତାହ ମଧ୍ୟରେ ‘ଏକ ଦିୱାନେ କି ଦିୱାନିୟତ’ ବକ୍ସ ଅଫିସରେ ୧୦୦ ପାର କରିଛି ଫ ‘ଏକ ଦିୱାନେ କି ଦିୱାନିୟତ’ ଯୋଗୁଁ ଆୟୁଷ୍ମାନ ଖୁରାନଙ୍କ ଅଭିନୀତ ଫିଲ୍ମ ଥାମା ବହୁତ କମ୍ ସ୍କ୍ରିନରେ ରିଲିଜ ହୋଇଛି ।ହର୍ଷବର୍ଦ୍ଧନ ରାଣେ ଇନଷ୍ଟାରେ ଖୁସି ପ୍ରକାଶ କରିଛନ୍ତି ଯେ, ତାଙ୍କ ଫିଲ୍ମ ଏକ ଦିୱାନେ କି ଦିୱାନିୟତ ବକ୍ସ ଅଫିସରେ ୧୦୧.୧ କୋଟି ଆୟ କରିଛି ।‘ଏକ ଦିୱାନେ କି ଦିୱାନିୟତ’ ଘରୋଇ ବକ୍ସ ଅଫିସରେ ୮୬.୧ କୋଟି ଏବଂ ବିଦେଶରେ ୧୫ କୋଟି ଆୟ କରିଛି ।ଏହି ରୋମାଣ୍ଟିକ ଡ୍ରାମା ଫିଲ୍ମ ବକ୍ସ ଅଫିସରେ ରାଜ କରୁଛି । ଫିଲ୍ମ ପ୍ରଥମ ସପ୍ତାହରେ ୫୫ କୋଟି ଟଙ୍କା ଆୟ କରିଥିଲା । ଫିଲ୍ମର ବଜେଟ ୨୫-୩୦ କୋଟି ରହିଥିବା ବେଳେ ଏହା ରିଲିଜର ୪ ଦିନରେ ହିଁ ନିଜ ବଜେଟ ମୂଲ୍ୟ ଆୟ କରିସାରିଛି ।ହାଇ ଭୋଲଟେଜ ଷ୍ଟୋରୀ ଟେଲିଂ(ସତ୍ୟମେବ ଜୟତେ, ମରଜାଁୱା)ର ମାଷ୍ଟର ମିଲାପ ମିଲନ ଜାୱେରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ମୁସ୍ତାକ ଶେଖଙ୍କ ଦ୍ୱାରା ଲିଖିତ। ‘ଦ ସାବରମତି ରିପୋର୍ଟ’ର ନିର୍ମାତାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମ ଦର୍ଶକଙ୍କୁ ମନକୁ ଛୁଇଁଛି। ଏହି ଫିଲ୍ମରେ ହର୍ଷବର୍ଦ୍ଧନ ରାଣେ ପ୍ରଥମ ଥର ପାଇଁ ସୋନମ ବାଜୱାଙ୍କ ସହ ରୋମାନ୍ସ କରୁଥିବା ନଜର ଆସିଛନ୍ତି ।



## ପେଟ ସମସ୍ୟା ଦୂର କରେ ଅମୃତଭଣ୍ଡା



ମେଦବହୁଳତା ଆଜିକାଲି ଅନେକ ଲୋକଙ୍କ ସମସ୍ୟା ପାଲଟିଗଲାଣି । ତା ସାଙ୍ଗକୁ ପୁଣି ଏହି ପେଟ ସମସ୍ୟା । ଏହି ସବୁ ସମସ୍ୟା ଦୂର କରିବାକୁ ସକାଳ ସମୟରେ ଅମୃତଭଣ୍ଡା ଖାଆନ୍ତୁ,ସେବନ କରନ୍ତୁ ଘି କୁଆଁରି । ପୂରାଦିନ ପରିପୂର୍ଣ୍ଣ ରହିବା ପାଇଁ ଆମକୁ ସକାଳ ସମୟରେ ଠିକ ଭାବେ ଭରପୁର ପ୍ରୋଟିନ ଥିବା ଖାଦ୍ୟ ଖାଇବା ଆବଶ୍ୟକ। କିନ୍ତୁ ସକାଳ ସମୟରେ କେଉଁ ଖାଦ୍ୟ ଖାଇଲେ ଆମ ଶରୀର ସୁସ୍ଥ ରହିବ ତାହା ଅନେକ ସମୟରେ ମନରେ ଆସେ । କିନ୍ତୁ ସକାଳ ସମୟରେ ଅମୃତଭଣ୍ଡା, ଘି କୁଆଁରୀ ଶରୀରକୁ ସୁସ୍ଥ ରଖିଥାଏ । ଅମୃତଭଣ୍ଡାରେ ଫାଇଭର ଭରପୁର ରହିଥାଏ । ଯାହା ଶରୀରର ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା ସହ ଅମୃତଭଣ୍ଡା କଲେଷ୍ଟ୍ରଲ କମ କରିବା ସହ ପେଟ ସଫା ରଖିବାରେ ସହାୟକ ହୋଇଥାଏ । କିଛି ଲୋକଙ୍କ ପେଟ ସମସ୍ୟା ଦେଖାଦେଉଥିଲେ ସେମାନେ ସକାଳେ ଖାଲି ପେଟରେ ଘି କୁଆଁରି ସେବନ କରନ୍ତୁ । ଯାହା ପେଟକୁ ବିଷାକ୍ତ ପଦାର୍ଥ ବାହାର କରି ନିର୍ମଳ ରଖିଥାଏ ।

# ସୁନ୍ଦର ତ୍ୱଚା ଓ କେଶ ପାଇଁ

କମଳା ଖାଇବାକୁ ଯେପରି ସୁଆଦିଆ ଓ ସ୍ୱାସ୍ଥ୍ୟ ପାଇଁ ହିତକାରକ, ସେଭଳି ଏହାର ଚୋପାର ଫେସ ପ୍ୟାକ ମଧ୍ୟ ତ୍ୱଚା ପାଇଁ ଖୁବ ଉପକାରୀ।

- ପ୍ରଥମେ କମଳାର ଚୋପାକୁ ଭଲ ଭାବେ ଖରାରେ ଶୁଖାଇ ଦିଅନ୍ତୁ। ଭଲ ଭାବେ ଶୁଖାଇବା ପରେ ଏହାକୁ ପେଷି ଦିଅନ୍ତୁ। ପେଷିବା ପରେ ଏହି କମଳା ଚୋପା ଗୁଣ୍ଡରେ ହଳଦୀ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ।
- ଭଲ ଭାବେ ମିଶାଇବା ପରେ ଏଥିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ।
- ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ରଖି ଦିଅନ୍ତୁ। ଶୁଖିବା ପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ।
- ସପ୍ତାହକୁ ଥରେ ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରି ପାରିବେ।

କେଶ ଝଡ଼ିବାକୁ ରୋକିବା ପାଇଁ:

ପାନର ପତ୍ରକୁ ବ୍ୟବହାର କରି ଏହି ସମସ୍ୟାକୁ ଦୂର କରି ହେବ । ଏଥ୍ପାଇଁ ସର୍ବପ୍ରଥମେ ପାନ ପତ୍ରକୁ ପେଷି ଦିଅନ୍ତୁ। ଏହାପରେ ସେହି ପେଷ୍ଟରେ ରାଶି କିମ୍ୱା ନଡ଼ିଆ। ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ।



ଏକ ଘଣ୍ଟା ରଖିବା ପରେ ମୁଣ୍ଡ ସଫା କରି ଦିଅନ୍ତୁ।

ପାନ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି। ଯାହା ମୁହଁର ଦାଗ ଦୂର କରିଥାଏ। ଗୋଟିଏ କିମ୍ୱା ଦୁଇଟି ପାନ ପତ୍ରକୁ ଭିଜାଇ କିଛି ସମୟ ରଖନ୍ତୁ। ଏହାପରେ ଏହାକୁ ପେଷି ଦିଅନ୍ତୁ। ଏହି ପେଷ୍ଟରେ ହଳଦୀ ମିଶାନ୍ତୁ। ଏହାକୁ ମୁହଁରେ ଲଗାନ୍ତୁ।

ଦିନକୁ ୨ଥର ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ।

ଗାଧୋଇବା ପୂର୍ବରୁ ପାନ ପତ୍ରରେ ପ୍ରସ୍ତୁତ ତେଲ ଲଗାନ୍ତୁ। ଏହାକୁ ଲଗାଇଲେ ଶରୀରର ଦୁର୍ଗନ୍ଧ ଦୂର ହୋଇଥାଏ।

# କ’ଣ କଲେ ପରିବାର ସଦସ୍ୟଙ୍କ ମଧ୍ୟରେ ବଜାୟ ରହେ ମଧୁରତା

ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଅ ।ନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁୟ ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।



୧- ଘରର ବାତାବରଣକୁ ଶନ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାରରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

# ବାସ୍ତୁ ଅନୁସାରେ ଘରେ ଲଗାନ୍ତୁ ଦର୍ପଣ

ଅଫିସ ହେଉ କିମ୍ବା ଘର,ସବୁ ସ୍ଥାନରେ ଆମେ ଦର୍ପଣ ଖୋଜିଥାଉ । ଦର୍ପଣ ବିନା ଗୃହସ୍ଥ ଜୀବନ ଅଧୁରା ବୋଲି କହିଲେ ଚଳେ । ସାଧାରଣ ଜୀବନଚର୍ଯ୍ୟାରେ ଦର୍ପଣ ଆମ



ପାଇଁ ଯେମିତି ଜରୁରୀ ଠିକ୍ ସେହିପରି ବାସ୍ତୁ ଶାସ୍ତ୍ରରେ ଏହା ଏକ ବିଶେଷ ମହତ୍ତ୍ୱ ରହିଛି। ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଠିକ୍ ଦିଗରେ ଦର୍ପଣ ନଲଗାଇଲେ,ସୁଖଶାନ୍ତି ହ୍ରାସ ପାଇଥାଏ। ତେଣୁ ଆସନ୍ତୁ ଜାଣିବା ଦର୍ପଣ କେଉଁ ଦିଗରେ ଲଗାଇବା ଉଚିତ୍ ଏବଂ କେଉଁ ଦିଗରେ ନୁହେଁ ।

■ ଦର୍ପଣ ଲଗାଇବା ସମୟରେ ଗୋଟିଏ କଥା ଉପରେ ଧ୍ୟାନ ଦିଅନ୍ତୁ,ଏହା ଯେପରି ବହୁତ ଉପରେ କିମ୍ବା ତଳେ ନରୁହେ । ଦର୍ପଣ ଏପରି ରରହିଲେ ,ଘରର ସଦସ୍ୟଙ୍କ ମୁଣ୍ଡ ଯନ୍ତ୍ରଣା ହୋଇଥାଏ ।

■ ସେହିପରି ବେଡ ସାମ୍ନାରେ ଦର୍ପଣ ରଖନ୍ତୁ ନାହିଁ। ଏପରି କଲେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନ ମତାନ୍ତର ହୋଇଥାଏ ।

■ ଘରର ଉତ୍ତର ଦିଗରେ ଦର୍ପଣ ରହିଲେ, ଘରେ ଆର୍ଥିକ ଉନ୍ନତି ହୋଇଥାଏଳ। ସେହିପରି ଐଶାନ୍ୟ କୋଣ ଓ ପୂର୍ବ ଦିଗରେ ଦର୍ପଣ ଲଗାଇଲେ ଘରର ସଦସ୍ୟଙ୍କ ଉନ୍ନତି ସହିତ ସମାଜରେ ପ୍ରତିଷ୍ଠା ମିଳିଥାଏ।

■ ବାସ୍ତୁ ଅନୁସାରେ ଗୋଲ୍ ଆକୃତିର ଦର୍ପଣକୁ ଘରେ ରଖନ୍ତୁ ଅଶୁଭ । ବର୍ଗାକାର କିମ୍ୱା ଆୟତାକାର ଦର୍ପଣ ଘରେ ରଖିବା ଶୁଭ ।

■ ଭାଙ୍ଗି ଯାଇଥିବା ଦର୍ପଣ କିମ୍ବା ଝାପ୍ସା ଦେଖାଯାଉଥିବା ଦର୍ପଣର ଘରେ ରରଖନ୍ତୁ ନାହିଁ। ଏହା ଦ୍ୱାରା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ।

■ ରାତିରେ ଶୋଇବା ସମୟରେ ଦର୍ପଣରେ ଛାଇ ଦେଖାଯିବା ଅଶୁଭ । ଏହା ଦ୍ୱାରା ମ୍ବସ୍ୱାମୀଙ୍କ ଦେହ ଅସୁସ୍ଥ ରହିଥାଏ ।

ନଗରନକ୍ସା
ମହାନଗରର ନିଜ ଭାଷା



# ୨୦୨୫-୨୬ ରାଜ୍ୟର ବିତ୍ତୀୟ ପ୍ରଦର୍ଶନର ସମୀକ୍ଷା



**ଭୁବନେଶ୍ୱର,୫।୧୧ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ତରଫରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ୨୦୨୫ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା। ଅନ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଙ୍କ ସହିତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

ବୈଠକରେ ଗତ ଅକ୍ଟୋବର ମାସ ସୁଦ୍ଧା ବଜେଟ୍ ବ୍ୟୟ ଅଟକଳର ମୋଟ ୩୮ ପ୍ରତିଶତ ଖର୍ଚ୍ଚ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ଚଳିତ ୨୦୨୫-୨୬ ବର୍ଷର ଏହି ସମୟ ମଧ୍ୟର ଖର୍ଚ୍ଚ ପରିମାଣରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି। ବୈଠକରେ ବଜେଟରେ ଅଧିକ ବ୍ୟୟ ବ୍ୟବସ୍ଥା କରାଯାଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଜଳ ସଂପଦ, ପୂର୍ତ୍ତ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଗ୍ରାମ୍ୟ ଉନ୍ନୟନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆଦି ୧୦ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗର ୨୦୨୪-୨୫ ବର୍ଷ ଏବଂ ୨୦୨୫-୨୬ ବର୍ଷରେ ଅକ୍ଟୋବର ମାସ ସୁଦ୍ଧା ଖର୍ଚ୍ଚ ପ୍ରତିଶତ ତୁଳନାତ୍ମକ ସମୀକ୍ଷା କରାଯାଇଥିଲା। ଅଧିକାଂଶ ବିଭାଗ ଗତ ବର୍ଷ ତୁଳନାରେ ଏ ବର୍ଷ ଭଲ ପ୍ରଦର୍ଶନ କରିଥିବା ବୈଠକରୁ ଜଣାପଡ଼ିଛି। ଆଗାମୀ ଦିନରେ ସମସ୍ତ ବିଭାଗମାନଙ୍କୁ ଆର୍ଥିକ ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ମୋଟ ରାଜସ୍ୱ ଆଦାୟ କ୍ଷେତ୍ରରେ ଗତ ୨୦୨୪ ଅକ୍ଟୋବର ତୁଳନାରେ ଏ ବର୍ଷ ୭.୨ % ବୃଦ୍ଧି ଘଟିଛି। ନିଜସ୍ କର ଆଦାୟ, ନିଜସ୍ ଅଣ କର ରାଜସ୍ୱ ଆଦାୟ, କେନ୍ଦ୍ରୀୟ କର ବାବଦକୁ ରାଜ୍ୟର ଅଂଶଧନ ଓ କେନ୍ଦ୍ରୀୟ ଅନୁଦାନ ଆଦିକୁ ମିଶାଇ ମୋଟ ରାଜସ୍ ୪୭.୬% ସଫଳତା ହାସଲ ହୋଇଛି। ନଭେମ୍ବରରୁ ଆଗାମୀ ମାର୍ଚ୍ଚ ୨୦୨୬ ସୁଦ୍ଧା ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରହିଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକ ପାଇଁ କେନ୍ଦ୍ରର ଅଂଶଧନ ବାବଦକୁ ରାଜ୍ୟକୁ ସର୍ବାଧିକ ଆର୍ଥିକ ରାଶି ପ୍ରଦାନ ସଂପର୍କରେ ସଂପୃକ୍ତ ବିଭାଗମାନଙ୍କୁ ନିୟମିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ୫ମ ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀ ପରିପ୍ରେକ୍ଷୀରେ ଆଲୋଚନା ହେବାକୁ ଥିବା ଇଜ୍ ଅଫ ଡୁଇଂ ବିଜିନେସ୍ ଏବଂ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ୨୩ ଟି ପ୍ରମୁଖ କ୍ଷେତ୍ର ଉପରେ ଆଲୋକପାତ କରାଯାଇଥିଲା। ଦେଶପ୍ରେମ, ଏକତା ଓ ଜାତୀୟ ଗୌରବର ଭାବନା ଜାଗ୍ରତ କରୁଥିବା ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ସଂପର୍କରେ ସଂପୃକ୍ତ ବିଭାଗମାନଙ୍କର ସହଯୋଗ କାମନା କରାଯାଇଥିଲା। ଆତ୍ମ ନିର୍ଭରତା କ୍ଷେତ୍ରରେ ଓଡ଼ିଶାର ଭୂମିକା ସଂପର୍କରେ ଆଲୋକପାତ କରି ଦୃଷ୍ଟିକେନ୍ଦ୍ରିକ ଅଭିବୃଦ୍ଧି ପାଇଁ ନୂତନ ମାନସିକତାର ଆବଶ୍ୟକତା, ଇଜ ଅଫ ଡୁଇଂ ବିଜିନେସ୍ ନିୟାମକରେ ସଂସ୍କାର ଅଣାଯିବା, ସରକାରଙ୍କ ସମସ୍ତ ବିଭାଗ, ମନ୍ତ୍ରଣାଳୟ ଓ ସଂସ୍ଥାଗୁଡିକର ସମନ୍ୱିତ କାର୍ଯ୍ୟାନୁଷ୍ଠାନରେ ଲକ୍ଷ୍ୟଭିତ୍ତିକ ଶାସନ ପରିଚାଳନା, ବୃହତ ଶିଳ୍ପ କ୍ଲଷ୍ଟର ସ୍ଥାପନ ଏବଂ ଏଥି ପାଇଁ ଇକୋସିଷ୍ଟମର ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ, ଯାହାକି ଆତ୍ମନିର୍ଭରତାର ୪ଟି ପ୍ରମୁଖ ସ୍ତମ୍ଭ ବିକଶିତ ଓଡ଼ିଶା ୨୦୩୬ ପରିପ୍ରେକ୍ଷୀରେ ଭିଜନ ଡକ୍ୟୁମେଣ୍ଟରେ ରହିଥିବା ବିଷୟ ଆଧାରରେ ବିଭିନ୍ନ ବିଭାଗ ତରଫରୁ ପ୍ରମୁଖ ପ୍ରକଳ୍ପ ପ୍ରଦର୍ଶନ ସୂଚକାଙ୍କ (କେପିଆଇ) ଚୂଡ଼ାନ୍ତ ନିମନ୍ତେ ଚିଠା ପ୍ରକଳ୍ପ ଉପସ୍ଥାପନ କରାଯାଇଥିବା ବୈଠକରୁ ଜଣାଯାଇଛି। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଭିଜନ ଡକ୍ୟୁମେଣ୍ଟରେ ରହିଥିବା ଲକ୍ଷ୍ୟ ଓ କାର୍ଯ୍ୟସୂଚୀକୁ ଭଲଭାବେ ଅନୁଧ୍ୟାନ କରିବା, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଂପର୍କିତ ପ୍ରଶିକ୍ଷଣ ଆୟୋଜନ, ସଂସ୍ଥାଗତ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଆହୁରି ମଧ୍ୟ ସେ ସଚିବମାନଙ୍କର ବିଭିନ୍ନ ଜିଲ୍ଲା ପରିଦର୍ଶନ ଓ ସେସବୁର ବିବରଣୀ ପରିଦର୍ଶନ ପୋର୍ଟାଲରେ ଉଲ୍ଲେଖ କରାଯାଇ କାର୍ଯ୍ୟାନୁଷ୍ଠାନ ସଂପର୍କିତ ତଦାରଖ ଉପରେ ସେ ଗୁରୁତ୍ୱ ଦେଇଥିଲେ।

# ବିଜେପିର ଜନଜାତି ଓ ଦଳିତ ସମାବେଶ

**ଭୁବନେଶ୍ୱର,୫।୧୧ (ମହାଭାରତ):** ନୂଆପଡ଼ା ନିର୍ବାଚନ ମଣ୍ଡଳୀର କୋମନା ବ୍ଲକ ମୁନିଗୁଡା ଖେଳପଡିଆରେ ଆଦିବାସୀ, କିଶାନ, ମିର୍ଦ୍ଧା, ମାଟିଆ ଓ କୋଡା ସମାଜଙ୍କ ଦ୍ୱାରା ଆୟୋଜିତ ସମାବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଅନେକ ମନ୍ତ୍ରୀ ଯୋଗ ଦେଇଥିଲେ। କହିଥିଲେ। ଏହି ସମାବେଶ ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, ରବି ନାୟକ, ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ଶ୍ରୀମତୀ ସଙ୍ଗିତା କୁମାରୀ ସିଂଦେଓ, ପ୍ରଦୀପ ପୁରୋହିତ, ବଳଭଦ୍ର ମଝି, ରବିନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରତାପ



ଉପସ୍ଥିତ ମନ୍ତ୍ରୀ ଗଣ ନିଜ ନିଜର ନିର୍ବାଚନୀ ଅଭିଭାଷଣ ରେ ମୋଦୀ ଓ ମୋହନ ସରକାର ଙ୍କ ଡବଲ ଇଞ୍ଜିନ ସରକାର ରେ ହେଉଥିବା ଡବଲ ଗତି ର ବିକାଶ ହେଉଛି ବୋଲି କହିଥିଲେ। ଡବଲ୍ ଇଞ୍ଜିନ୍ ସରକାର ଯେପରି ଓଡ଼ିଶାର ସମଗ୍ର ଉନ୍ନୟନ ଓ ଆଦିବାସୀ ଅଞ୍ଚଳର ବିକାଶ କୁ ଗୁରୁତ୍ୱ ଦେଇ ପରିବର୍ତ୍ତନ ଆଣୁଛନ୍ତି, ତାହାର ପ୍ରଭାବ ଜନମାନସରେ ସ୍ପଷ୍ଟ ଭାବେ ଦେଖାଯାଉଛି ବୋଲି ଚନ୍ଦ୍ର ନାୟକ, ମିର୍ଦ୍ଧା ସମାଜର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମାଝୀଙ୍କ ସହିତ ସମାଜର ନେତୃମଣ୍ଡଳୀ, ସ୍ଥାନୀୟ ଜନପ୍ରତିନିଧି ଓ ଆଦିବାସୀ ଭାଇ-ଭଉଣୀମାନଙ୍କ ଉପସ୍ଥିତ ଥିଲେ। ସମସ୍ତେ ନିଜ ନିଜ ବକ୍ତବ୍ୟରେ ବିଜେପିର ଦୁର୍ନୀତି ଭ୍ରଷ୍ଟାଚାର ମୁକ୍ତ ସୁଶାସନ ଓ ବିକାଶକୁ ଆଧାର କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ସତର୍କତା ସଚେତନତା

**ଭୁବନେଶ୍ୱର,୫।୧୧ (ମହାଭାରତ):** ଚଳିତ ସତର୍କତା ସଚେତନତା ସପ୍ତାହ-୨୦୨୫ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଛାତ୍ରଛାତ୍ରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସଚ୍ଚୋଟତା ଏବଂ ସ୍ୱଚ୍ଛତାର ବାର୍ତ୍ତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରିଅଛି। ସତର୍କତା ସଚେତନତା ସପ୍ତାହ- ୨୦୨୫ ପାଳନ ସହିତ ଆଜି ଖୋର୍ଦ୍ଧା ରୋଡ଼ ସ୍ଥିତ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପିଲାମାନେ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ନୀତି, ସଚ୍ଚୋଟତା ଏବଂ ଦୁର୍ନୀତି ବିରୁଦ୍ଧରେ ଲଢ଼ିବାର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ। ପୂର୍ବତଟ ରେଳପଥର ସତର୍କତା ସଂଗଠନ ଦୁର୍ନୀତିର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୁବ ପିଢ଼ି ମଧ୍ୟରେ ସ୍ୱଚ୍ଛତା ଏବଂ ସଚ୍ଚୋଟତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏହାର କ୍ଷେତ୍ରାଧିକାରର ବିଭିନ୍ନ ସ୍କୁଲ ଏବଂ କଲେଜ ସହିତ ଯୋଗାଯୋଗ କରୁଛି। ଛାତ୍ରଛାତ୍ରୀ ଏବଂ ରେଳ କର୍ମଚାରୀମାନେ ନିଜ ନିଜ କ୍ଷେତ୍ରରେ ନୈତିକ ଆଚରଣର ଉଦାହରଣ ସ୍ଥାପନ କରି ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଜୀବନର ପ୍ରାରମ୍ଭରୁ ନୈତିକ ମୂଲ୍ୟବୋଧ ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରି ତୃଣମୂଳ ସ୍ତରରୁ ଦୁର୍ନୀତିକୁ ଦୂର କରିବା ଏହି ପଦକ୍ଷେପର ଲକ୍ଷ୍ୟ ଅଟେ। ସତର୍କତା ଏବଂ ସୁଶାସନର ବାର୍ତ୍ତା ପ୍ରସାର କରିବା ପାଇଁ ପୂର୍ବତଟ ରେଳପଥ ଅଧୀନରେ ଥିବା ପ୍ରମୁଖ ସହରଗୁଡ଼ିକରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବକ୍ତୃତା ସହ ବକ୍ତୃତା ଅଧିବେଶନ ମଧ୍ୟ ଆୟୋଜନ କରାଯାଉଛି। ଚଳିତ ବର୍ଷ, 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ୨୭ ଅକ୍ଟୋବରରୁ ୨ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ପାଳନ ଜୀବନର ସମସ୍ତ କ୍ଷେତ୍ରରେ ଅଖଣ୍ଡତା ବଜାୟ ରଖିବା, ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଚ୍ଛତା ବଜାୟ ରଖିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ସୂଚାଇଥାଏ।

# ରେଳ ସେକ୍ସନ ନିରୀକ୍ଷଣ କଲେ ମଣ୍ଡଳ ରେଳ ପ୍ରବନ୍ଧକ

**ଭୁବନେଶ୍ୱର,୫।୧୧ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅଲୋକ ତ୍ରିପାଠୀ ଆଜି ଖୋର୍ଦ୍ଧା ରୋଡ୍-କେରଜଙ୍ଗ (ଅନୁଗୁଳ) ରେଳ ସେକ୍ସନରେ ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ତାଙ୍କ ସହ ବରିଷ୍ଠ ମଣ୍ଡଳ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।



ଏହି ନିରୀକ୍ଷଣର ଉଦ୍ଦେଶ୍ୟ ଥିଲା ରେଳ ଚଳାଚଳର ସୁରକ୍ଷା ଓ ନିରାପତ୍ତା ସହ ଟ୍ରେନ ଚଳାଚଳ କ୍ଷେତ୍ରରେ ଏହି ସେକ୍ସନରେ ସୁଚାରୁ ଭାବେ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା। ନିରୀକ୍ଷଣ ସମୟରେ ରେଳଲାଇନ ଓ ସମ୍ବନ୍ଧିତ ଭିତ୍ତିଭୂମିକୁ ଭଲଭାବେ ପରୀକ୍ଷା କରାଯାଇଥିଲା। ନିରାପତା ସମ୍ବନ୍ଧିତ ବିଭିନ୍ନ ଦିଗ ଯେପରିକି ରେଳପଥର ଭୌଗୋଳିକ ଗଠନ ଓ ସମନ୍ୱୟ, କ୍ରସିଂ ଓ ଟର୍ନଆଉଟ୍, ସେତୁ, ଛୋଟ ସଂରଚନା, ସିଗ୍ନାଲ ଏବଂ ଇଂଟରଲକିଂ ପ୍ରଣାଳୀ, ଜଳ ନିଷ୍କାସନ ବ୍ୟବସ୍ଥା, ସୁରକ୍ଷା ପ୍ରାଚୀର ଓ ବାଡ଼ ଇତ୍ୟାଦିକୁ ତଦାରଖ କରାଯାଇଥିଲା। କଟକ ଓ ଅନୁଗୁଳ ମଧ୍ୟରେ ଥିବା ବୁଢାପଙ୍କ-ରାଜଆଠଗଡ଼-ଶାଳଗାଁ ରେଳ ସେକ୍ସନରେ ତୃତୀୟ ଓ ଚତୁର୍ଥ ରେଳଲାଇନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଅଛି ଯାହା ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ ହେବା, ରେଳପଥ କ୍ଷମତା ବୃଦ୍ଧି ଓ ରେଳ ଚଳାଚଳ କ୍ଷମତାର ଉନ୍ନତି ସୁନିଶ୍ଚିତ କରିବା ସମ୍ଭବ ହେବ। ଶ୍ରୀ ତ୍ରିପାଠୀ ମେରାମଣ୍ଡଳୀରେ ଥିବା ଟାଟା ଷ୍ଟିଲ୍ ଲିମିଟେଡ୍ (ଟିଏସଏଲ) ସାଇଡିଂ ଓ କେରଜଙ୍ଗ (ଅନୁଗୁଳ) ରେ ଥିବା ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟ ଲିମିଟେଡ୍ (ଜେଏସପିଏଲ) ସାଇଡିଂକୁ ମଧ୍ୟ ନିରୀକ୍ଷଣ କରି ଶିଳ୍ପ ଉଦ୍ୟୋଗ ସହିତ ସମନ୍ୱୟ ବୃଦ୍ଧି କରାଇ ପଣ୍ୟ ପରିବହନ ସୁଦୃଢ କରିବା ବିଷୟରେ ଆଲୋଚନା କରିଛନ୍ତି। ଏହି ନିରୀକ୍ଷଣର ଉଦ୍ଦେଶ୍ୟ ଥିଲା ରେଳ ଯାତାୟାତର ନିରାପତା ବୃଦ୍ଧି, ଭିତିଭୂମି କାର୍ଯ୍ୟ ଗୁଡିକର ଉନ୍ନତିକରଣ କରିବା ସହ ଯାତ୍ରୀ, ସାଧାରଣ ଲୋକ ଓ ପଣ୍ୟ ଗ୍ରାହକମାନଙ୍କ ପାଇଁ ଉତମ ସେବା ପ୍ରଦାନ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ସୁଦୃଢ କରାଇବା।

# ୧୦୦ କୋଟିର ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର,୫।୧୧ (ମହାଭାରତ):** ଭାରତ ନିର୍ବାଚନ ଆୟୋଗ ବିହାର ବିଧାନସଭାର ସାଧାରଣ ନିର୍ବାଚନ, ୨୦୨୫ ଏବଂ ଦେଶର ୮ ନିର୍ବାଚନ ମଣ୍ଡଳୀ ପାଇଁ ଉପ-ନିର୍ବାଚନର କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଆଦର୍ଶ ଆଚରଣ ବିଧି ନିର୍ଦ୍ଦେଶାବଳୀର କଡ଼ାକଡ଼ି ଅନୁପାଳନ କରିବାକୁ ଆୟୋଗ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତସି-ଭିଜିଲ ରେ ରିପୋର୍ଟ ହୋଇଥିବା ଅଭିଯୋଗଗୁଡ଼ିକର ୧୦୦ ମିନିଟ୍ ମଧ୍ୟରେ ସମାଧାନ ନିଶ୍ଚିତ କରିବା ପାଇଁ ସମଗ୍ର ବିହାରରେ ୮୨୪ଟି ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ୩ ନଭେମ୍ବର ଅର୍ଥାତ ଆଜି ସୁଦ୍ଧା, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିଭିନ୍ନ ଏଜେନ୍ସିମାନଙ୍କ ସମନ୍ୱୟରେ ୯.୬୨ କୋଟି ଟଙ୍କା ନଗଦ, ୪୨.୧୪ କୋଟି ଟଙ୍କା (୯.୬ ଲକ୍ଷ ଲିଟର) ମୂଲ୍ୟର ମଦ, ୨୪.୬୧ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ, ୫.୮ କୋଟି ଟଙ୍କା ମୂଲ୍ୟର ମୂଲ୍ୟବାନ ଜିନିଷ ଏବଂ ୨୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନ୍ୟାନ୍ୟ ମାଗଣା ସାମଗ୍ରୀ ସମେତ ମୋଟାମୋଟି ୧୦୮.୧୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅବୈଧ ପ୍ରଲୋଭନକାରି ଦ୍ରବ୍ୟ ଜବତ କରାଯାଇଛି।

# ସୁଭଦ୍ରା ଶକ୍ତି ମେଳାରେ ବିପୁଳ ଜନସମାଗମ୍

**ଭୁବନେଶ୍ୱର,୫।୧୧ (ମହାଭାରତ):** ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସଂସ୍କରଣକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଭବ୍ୟ ଉତ୍ସବ ମାଧ୍ୟମରେ ଇଡକୋ ପ୍ରଦର୍ଶନୀ ପଡ଼ିଆ ଠାରେ ଗତ ସନ୍ଧ୍ୟାରେ ଉଦଘାଟନ କରିଛନ୍ତି। ମେଳାର ପ୍ରମୁଖ ଆକର୍ଷଣ ମଧ୍ୟରେ ରହିଛି ୩୦୦ ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀ ପରିଚାଳିତ ଷ୍ଟଲ, ଯାହା ମଧ୍ୟରୁ ୫୦ଟି ହେଉଛି ଖାଦ୍ୟ ଷ୍ଟଲ। ଏତଦବ୍ୟତୀତ, ଅନ୍ୟ ଏଗାରଟି ରାଜ୍ୟର ସ୍ୱୟଂ-ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦ ବିକ୍ରୟ କରୁଛନ୍ତି। ସୁଭଦ୍ରା ଶକ୍ତି ମେଳା କେବେଳ ଓଡ଼ିଶା ରାଜ୍ୟ ମଧ୍ୟରେ ସୀମିତ ନରହି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଉଦଘାଟନ ଉତ୍ସବର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ସେହିଭଳି ଆଜିର ଦ୍ୱିତୀୟ ଦିବସ ପ୍ରାରମ୍ଭରେ ନୃତ୍ୟ ଅର୍ପଣ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ରାମନାଟ୍ୟ ପରିଷଦ ପୁରୀଙ୍କ ଦ୍ୱାରା କୃଷ୍ଣଲୀଳା ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏହାପରେ ସ୍ୱୟଂ ପାଢୀ ଏବଂ ଦଳ ସଙ୍ଗୀତ ମାଧ୍ୟମରେ ଝୁମାଇଥିଲେ ଦର୍ଶକମାନଙ୍କୁ।

# ନୋବେଲ ପ୍ରାଇଜ ଡ଼ାଇଲଗ ଇଣ୍ଡିଆ ଟାଟା ଟ୍ରଷ୍ଟ ସହିତ ସହଭାଗୀତା

**ଭୁବନେଶ୍ୱର,୫।୧୧ (ମହାଭାରତ):** ନୋବେଲ ପ୍ରାଇଜ ଡ଼ାଇଲଗ ଇଣ୍ଡିଆ ୨୦୨୫, ଟାଟା ଟ୍ରଷ୍ଟର ସ୍ୱତନ୍ତ୍ର ସହଭାଗୀତାରେ ଏକତ୍ରିତ ଭାବରେ ନୋବେଲ ପୁରସ୍କାର ବିଜେତା, ଅଗ୍ରଣୀ ବୈଜ୍ଞାନିକ ତଥା ଚିନ୍ତାନାୟକ ଏବଂ ଶିକ୍ଷାର୍ଥୀ ମାନଙ୍କୁ ନେଇ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ (ଆଇଆଇଏସି), ବେଙ୍ଗାଲୁର ଠାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ପ୍ରସଙ୍ଗର କେନ୍ଦ୍ରରେ ରହି "ଦି ଫ୍ୟୁଚର ଓ୍ୱି ୱାଂଟ" ଜ୍ଞାନ, ସ୍ଥିରତା, ଅନ୍ତର୍ଭୁକ୍ତକରଣ ଏବଂ ଆଶାର ସଂଳାପ ଉପରେ ଅନ୍ତର୍ନିହିତ ବାର୍ତାଳାପ ସୃଷ୍ଟି କରିଛି। ନିଜର ଖୋଲା ମତାମତ ଉପରେ ଆଲୋକପାତ କରି ସିଦ୍ଧାର୍ଥ ଶର୍ମା, ସିଇଓ, ଟାଟା ଟ୍ରଷ୍ଟ ମନ୍ତବ୍ୟ ରଖି କହିଛନ୍ତି, "ଭାରତର ବିରାଟ ସମ୍ପତି କେବଳ ଏହାର ପ୍ରାକୃତିକ ଉତ୍ସ ଉପରେ ନୁହେଁ, ବରଂ ଏହାର ଲୋକ ମାନଙ୍କର ଶକ୍ତି ତଥା ସେମାନଙ୍କର ଶିକ୍ଷାର କ୍ଷମତା ଉପରେ ପ୍ରତିଷ୍ଠିତ। ସେହି ସ୍ୱପ୍ନରୁ ଟାଟା ଟ୍ରଷ୍ଟର ବଂଶାନୁକ୍ରମିକ ମହାନୁଭବତାର କେନ୍ଦ୍ର ଲାଳନ ପାଳନର ଅଂଶବିଶେଷ ଭାବରେ ବୃଦ୍ଧି ପାଇଛି।

# ପଣ୍ୟ ପରିବହନରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଶୀର୍ଷ ସ୍ଥାନ ଅଧିକାର

**ଭୁବନେଶ୍ୱର,୫।୧୧ (ମହାଭାରତ):** କାର୍ଯ୍ୟ ଦକ୍ଷତା ଏବଂ ନିରନ୍ତର ଉତ୍କର୍ଷତାର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ସର୍ବୋତମ ପଣ୍ୟ ବୋଝେଇ ପ୍ରଦର୍ଶନ ହାସଲ କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଟ୍ରାଫିକ୍ ପରିଚାଳନା (ପଣ୍ୟ ବୋଝେଇ + ପଣ୍ୟ ଅପସାରଣ ବା ଅନଲୋଡିଂ) ରେ ଭାରତୀୟ ରେଳବାଇରେ ନମ୍ବର ୧ ରେଳମଣ୍ଡଳ ହୋଇପାରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପୁଣି ଥରେ ସାମଗ୍ରିକ ଟ୍ରାଫିକ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରେଳମଣ୍ଡଳ ଭାବରେ ଉଭା ହୋଇଛି।ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଅଭୁତ ପୂର୍ବ ଭାବେ ୧୮୩ ନିୟୁତ ଟନ୍ ପଣ୍ୟ କାରବାର ହାସଲ କରିଛି — ଯେଉଁଥିରେ ୧୦୧ ନିୟୁତ ଟନ୍ ପଣ୍ୟ ବୋଝେଇ ଏବଂ ୮୨ ନିୟୁତ ଟନ୍ ପଣ୍ୟ ଅପସାରଣ ଅନ୍ତର୍ଭୁକ୍ତ। ବିଳାସପୁର ରେଳମଣ୍ଡଳ ୧୪୮ ନିୟୁତ ଟନ୍ ସହିତ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଧାନବାଦ ରେଳମଣ୍ଡଳ ୧୩୨ ନିୟୁତ ଟନ୍ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୨୭ ନିୟୁତ ଟନ୍ ପଣ୍ୟ କାରବାର ହାସଲ କରିଛି ଯାହା ପଣ୍ୟ ପରିବହନରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନେତୃତ୍ୱ ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି। ଭାରତୀୟ ରେଳବାଇ ଇତିହାସରେ ପ୍ରଥମ ଥର ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୧୩ ଦିନରେ (୩୦.୧୦.୨୦୨୫ ସୁଦ୍ଧା) ୧୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ହାସଲ କରିଛି – ଯାହା ସବୁଠାରୁ ଦ୍ରୁତତମ ପାମୟ ବୋଝେଇ ଅଟେ।ପୂର୍ବ ସର୍ବୋତମ ୨୦୨୪-୨୫ ସମୟରେ (୨୦.୧୧.୨୦୨୪ ସୁଦ୍ଧା) ୨୩୪ ଦିନରେ ଏହି ଦକ୍ଷତା ହାସଲ କରାଯାଇଥିଲା। ଏହି ମାଇଲଖୁଣ୍ଟ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଦକ୍ଷତାର ଏକ ନୂତନ ମାନଦଣ୍ଡକୁ ଚିହ୍ନିତ କରେ। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୨୦୨୫ ଅକ୍ଟୋବରରେ ସର୍ବକାଳୀନ ସର୍ବାଧିକ ୧୪.୫୨ ନିୟୁତ ଟନ୍ ପଣ୍ୟ ବୋଝେଇ ରେକର୍ଡ କରିଛି, ଯାହା ପୂର୍ବ ସମସ୍ତ ଅକ୍ଟୋବର ରେକର୍ଡକୁ ଅତିକ୍ରମ କରିଛି। ଏହା ପ୍ରଥମ ଥର ଯେ ଅକ୍ଟୋବରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାସିକ ପଣ୍ୟ ବୋଝେଇ ୧୪ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ବାତ୍ୟା ମୋନ୍ଥା ଏବଂ ପ୍ରବଳ ବର୍ଷା ଦ୍ୱାରା ଉପୁଜିଥିବା ବାଧା ଏବଂ ଅନ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିରବଚ୍ଛିନ୍ନ ପଣ୍ୟ ପରିବହନ ବଜାୟ ରଖି ଅନେକ ଟର୍ମିନାଲ ରେକର୍ଡ ଭାଙ୍ଗିବା ସଫଳତା ହାସଲ କରିଛି। ଏହି ସଫଳତା ପୂର୍ବତଟ ରେଳପଥ ପ୍ରଶାସନ ଅଧୀନରେ ପରିଚାଳନା ଏବଂ ବାଣିଜ୍ୟିକ ଦଳଗୁଡ଼ିକର ଉତ୍ସର୍ଗୀକୃତ ପ୍ରୟାସ, ଅଂଶୀଦାରମାନଙ୍କ ସହିତ ସମନ୍ୱୟ ଏବଂ ସକ୍ରିୟ ନେତୃତ୍ୱର ଫଳାଫଳ। ନିରନ୍ତର ତଦାରଖ, ଦକ୍ଷ ରେକ୍ ପରିଚାଳନା ଏବଂ ଗ୍ରାହକ-ମୁଖୀ ଲଜିଷ୍ଟିକ୍ ସମର୍ଥନ ଏହି ରେକର୍ଡ-ଭଙ୍ଗ ପ୍ରଦର୍ଶନକୁ ସୁନିଶ୍ଚିତ କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର କାର୍ଯ୍ୟଦକ୍ଷତା ପୁଣି ଥରେ ଜାତୀୟ ପଣ୍ୟ ପରିବହନ ନେଟୱାର୍କରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଏହାର ଅବଦାନକୁ ସ୍ପଷ୍ଟ କରୁଛି। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ 'ଆମର ମିଶନର ଅଗ୍ରଗତି, ଆମର ଦୃଷ୍ଟିକୋଣ ପୂରଣ' ର ଦୃଷ୍ଟିକୋଣକୁ ବଜାୟ ରଖିବା ପାଇଁ ଏହାର ମିଶନ ଜାରି ରଖିଛି ଯାହା ଦ୍ୱାରା ନିର୍ବିଘ୍ନ ପଣ୍ୟ ପରିବହନ, ଉନ୍ନତ ଦକ୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟି ସୁନିଶ୍ଚିତ ହୋଇପାରିବ।

# ସିଏସଆଇଆର-ଆଇଏମଏମଟି ପକ୍ଷରୁ ସମୁଦ୍ର ଶଯ୍ୟା ଦିବସ

**ଭୁବନେଶ୍ୱର,୫।୧୧ (ମହାଭାରତ):** ଆନ୍ତର୍ଜାତୀୟ ଗଭୀର ସମୁଦ୍ର ଶଯ୍ୟା ଦିବସ ପ୍ରଥମଥର ପାଇଁ ଜାତୀୟ ଅଧିକାର ସୀମା ବାହାରେ ଥିବା ଗଭୀର ସମୁଦ୍ର ଶଯ୍ୟା ପାଇଁ ସମର୍ପିତ ବିଶ୍ୱସ୍ତରରେ ପାଳନ କରାଯାଇଛି। ଆନ୍ତର୍ଜାତୀୟ ସମୁଦ୍ର ଶଯ୍ୟା ପ୍ରାଧିକରଣର ସଭାରେ ଜୁଲାଇ ୨୦୨୫ରେ ଏହାର ୩୦ତମ ଅଧିବେଶନରେ ଘୋଷଣା କରିଥିଲେ ଯେ, ଏହି ଦିନ ପ୍ରଥମଥର ପାଇଁ ୧ ନଭେମ୍ବର ୨୦୨୫ରେ ପାଳନ କରାଯିବ ଏବଂ ତା'ପରେ ପ୍ରତିବର୍ଷ ପାଳନ କରାଯିବ। ଏହା ନବସୃଜନ ଏବଂ ପରିଚାଳନା ମଧ୍ୟରେ ସନ୍ତୁଳନକୁ ଆଲୋକିତ କରେ, ସମସ୍ତ ମାନବିକତାର ଆନ୍ତଃ-ପିଢ଼ି ଲାଭ ପାଇଁ ଗଭୀର ସମୁଦ୍ର ଶଯ୍ୟାର ସମ୍ବଳକୁ ପରିଚାଳନା, ସୁରକ୍ଷା ଏବଂ ବୁଦ୍ଧିମାନ ଭାବରେ ବ୍ୟବହାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାଏ।



ଭୁବନେଶ୍ୱରସ୍ଥିତ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି) (ସିଏସଆଇଆର-ଆଇଏମଏମଟି)ରେ ଭାରତ ସରକାରଙ୍କ ଭୂ-ବିଜ୍ଞାନ ମନ୍ତ୍ରାଳୟ (ଏମଓଇଏସ) ସଦସ୍ୟ ରାଷ୍ଟ୍ର ଏବଂ ଅନୁସନ୍ଧାନ ଠିକାଦାର ଭାବେ ଏହି ଉଦଘାଟନୀ ଉତ୍ସବର ଆୟୋଜନ ହୋଇଥିଲା। ଭୁବନେଶ୍ୱରସ୍ଥିତ ଡ. ଆର.ପି. ଦାସ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନ୍ୟାସନାଲ କ୍ରିଟିକାଲ ମିନେରାଲ୍ସ ମିଶନ (ଏନସିଏମଏମ) ଅଧୀନରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ପ୍ରତିଷ୍ଠାନର ସେ ର ଅଫ ଏକ୍ସଲେନ୍ସ (ସିଓଇ) ସମର୍ଥନ କରିଥିଲେ। ଭୂ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡ. ଏମ. ରବିଚନ୍ଦ୍ରନଙ୍କ ପରାମର୍ଶରେ ଗୋଆସ୍ଥିତ ସିଏସଆଇଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସେନୋଗ୍ରାଫି (ସିଏସଆଇଆର-ଏନଅାଇଓ), ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସେନ ଟେକ୍ନୋଲୋଜି (ଏନଅାଇଓଟି), ଚେନ୍ନାଇ ଏବଂ ନ୍ୟାସନାଲ ସେ ର ଫର ପୋଲାର ଅାଣ୍ଡ ଓସେନ ରିସର୍ଚ୍ଚ (ଏନସିପିଓଅାର), ଗୋଅାରେ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ସୋଆ ବିଶ୍ୱବିଦ୍ୟାଳୟ ଏବଂ ସିଏସଅାଇଅାର-ଅାଇଏମଏମଟିର ଅଂଶଗ୍ରହଣକାରୀଙ୍କ ସମେତ ଭାରତର ସାମୁଦ୍ରିକ ଏବଂ ଧାତୁ ବିଜ୍ଞାନ କ୍ଷେତ୍ରର ବୈଜ୍ଞାନିକ, ଛାତ୍ର, ସରକାରୀ ଅଧିକାରୀ ଏବଂ ଶିଳ୍ପ ହିତାଧିକାରୀମାନେ ଏକତ୍ରିତ ହୋଇଥିଲେ ଯ ଏହି କାର୍ଯ୍ୟକ୍ରମରେ ଗଭୀର ସମୁଦ୍ର ଅନୁସନ୍ଧାନ, ସମୁଦ୍ର ଶଯ୍ୟା ଖଣି, ଉତ୍ତୋଳନ ଧାତୁ ବିଜ୍ଞାନ ଏବଂ ସାମୁଦ୍ରିକ ଜୈବ ବିବିଧତା ଉପରେ ବିଶେଷଜ୍ଞ ବକ୍ତୃତା ସହିତ ସମୁଦ୍ରର ଚରମ ଏବଂ ଅଜ୍ଞାତ ଇକୋସିଷ୍ଟମକୁ ପ୍ରଦର୍ଶନ କରୁଥିବା ଏକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ସିଏସଅାଇଅାର-ଅାଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଏହାପରେ ଭୂବିଜ୍ଞାନ ମନ୍ତ୍ରଣାଳୟର ବୈଜ୍ଞାନିକ ତଥା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ସନ୍ଦୀପ କୁମାର ମୁଖୋପାଧ୍ୟାୟ ଦୀକ୍ଷାନ୍ତ ଭାଷଣ ଦେଇଥିଲେ।

# ସୋଆ ଏସ୍‌ପିଏସ୍-୧ ନୂତନ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୫।୧୧ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ-୧ (ଏସ୍‌ପିଏସ୍-୧)ର ନୂତନ ଶିକ୍ଷା ବର୍ଷ ବି.ଫାର୍ମା ଓ ଏମ୍.ଫାର୍ମା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶୁକ୍ରବାର ଓରିଏଂଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଡେପୁଟି ଡ୍ରଗ କଂଟ୍ରୋଲର ତଥା ଆଇପିଜିଏ ଓଡିଶା ଶାଖାର ସଭାପତି ଡ. ଲଳିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ଏକ ମହାନ ବୃତି ବୋଲି କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାର୍ମାସିଷ୍ଟମାନେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିବାବେଳେ କୋଭିଡ୍ ସମୟରେ ନିଜର କଠିନ ପରିଶ୍ରମ ଓ ନିଃସ୍ୱାର୍ଥପର ମନୋଭାବ ଯୋଗୁଁ ସମାଜର ହିତ ପାଇଁ ଅହରହ ଯୋଦ୍ଧା ପରି ଲଢୁଥିଲେ।



ବର୍ତ୍ତମାନ ସମୟରେ ଏହି ବୃତିଗତ ଶିକ୍ଷାକୁ ଅଧ୍ୟୟନ କରିବା ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଖୁବ୍ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆରେ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଫାର୍ମାସି ବୃତିରେ ଆଗକୁ ଯିବା ନିମନ୍ତେ ଛାତ୍ରଛାତ୍ରୀମାନେ ଏହା ପ୍ରତି ସମ୍ମାନ ରଖିବା ସହିତ ସମୟାନୁବର୍ତିତା, କଠିନ ପରିଶ୍ରମ, ନିଃସ୍ୱାର୍ଥପର ମନୋଭାବ ପୋଷଣ କରିବା ଉଚିତ୍ ବୋଲି କହିଥିଲେ। ଏସ୍‌ପିଏସ୍-୧ର ଉପଦେଷ୍ଟା ପ୍ରଫେସର (ଡକ୍ଟର) ସୁଦାମ ଚରଣ ସି ଓ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ରହି ନୂତନ ବର୍ଷର ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଫାର୍ମାସୀ-୧ର ଡିନ୍ ପ୍ରଫେସର (ଡକ୍ଟର) ଦେବଜ୍ୟୋତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଫାର୍ମାସୀ ପାଠ୍ୟକ୍ରମ ଓ ସୋଆ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏସ୍‌ପିଏସ୍-୧ର ଆସୋସିଏଟ୍ ପ୍ରଫେସର (ଡ) ଶକ୍ତିକେତନ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୋମାଟୋ କ୍ୟୁରେଟେଡ୍ ରୋଷେଇ ଅଭିଜ୍ଞତା ଶୁଭାରମ୍ଭ

**ଭୁବନେଶ୍ୱର,୫।୧୧ (ମହାଭାରତ):** କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ସହିତ ମିଳିତ ଭାବରେ ଗୋଇଂ ଆଉଟ୍ ପ୍ଲାଟଫର୍ମ ଜୋମାଟୋ ଦ୍ୱାରା ଡିଷ୍ଟ୍ରିକ୍ଟ, ବିଳାସପୂର୍ଣ୍ଣ ଭୋଜନରେ ଏକ ନୂତନ ଅଧ୍ୟାୟ ଶୁଭାରମ୍ଭ କରୁଛି – ଭାରତର ସବୁଠାରୁ ବିଚକ୍ଷଣ ପୃଷ୍ଠପୋଷକ ମାନଙ୍କ ପାଇଁ ପ୍ରସ୍ତୁତ ଏବଂ କୋଟାକ୍ ସଲିଟାୟର୍ କ୍ରେଡିଟ୍ କାର୍ଡ ଗ୍ରାହକ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଉପଲବ୍ଧ। ଦେଶର ସବୁଠାରୁ ପ୍ରସିଦ୍ଧ କଲିନାରି ମାଇଣ୍ଡ ଦ୍ୱାରା କ୍ୟୁରେଟେଡ୍ ଏବଂ ଲୋଭନୀୟ ଭୋଜନ ସ୍ଥାନ ଗୁଡ଼ିକରେ ଆୟୋଜିତ, ଏହି ବିରଳ, ପରିଷ୍କୃତ ଏବଂ ଗଭୀର ବ୍ୟକ୍ତିଗତ ଅଭିଜ୍ଞତା ଗୁଡ଼ିକୁ ବିଶେଷାଧିକାର ପ୍ରାପ୍ତ ଅତିଥି ମାନେ ଖାଦ୍ୟ ଏବଂ ସଂସ୍କୃତି ସହିତ ଜଡିତ ହେବାର ଉପାୟକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି। ମିସେଲିନ୍-ଷ୍ଟାରଡ୍ କିମ୍ବଦନ୍ତୀ ମାନଙ୍କ ସହିତ ଘନିଷ୍ଠ ରୋଷେୟାଙ୍କ ଟେବୁଲ ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ମିକ୍ସୋଲୋଜି ଆଇକନ ମାନଙ୍କ ଦ୍ୱାରା ସଂଗୃହୀତ ଇମର୍ସିଭ୍ ସନ୍ଧ୍ୟା ପର୍ଯ୍ୟନ୍ତ, କୋଟାକ୍ ସଲିଟାୟର୍ କ୍ରେଡିଟ୍ କାର୍ଡ ଅସାଧାରଣ ଗ୍ୟାଷ୍ଟ୍ରୋନୋମିକ୍ ମୁହୂର୍ତ୍ତ ଗୁଡ଼ିକର ସୁବିଧାଜନକ ପ୍ରବେଶ ପ୍ରଦାନ କରେ।

# ବିପର୍ଯ୍ୟୟ ମୁକାବିଲା

ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ସଡ଼କ ପଥର ସମ୍ପ୍ରସାରଣ ଏବଂ ବିକାଶ ହେଉଛି , ତାହା ସହିତ ଗାଡ଼ିମୋଟର ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢ଼ିଚାଲିଛି। ସମସ୍ତେ ନିଜ ପେଷାରେ ବ୍ୟସ୍ତ। ସମସ୍ତେ ଦଉଡୁଛନ୍ତି। ଜୀବନ ଏତେ ବ୍ୟସ୍ତବହୁଳ ହୋଇଯାଇଛି ଯେ, ଦିନ ରାତି ଏବେ ଏକ ହୋଇଯାଇଛି। ସବୁବେଳେ ରାସ୍ତାରେ ଯାନବାହନ ଚଳାଚଳ କରୁଛି। ଏହା ସହିତ ସଡ଼କ ଦୁର୍ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଆଜି ୩୦ ବର୍ଷ ତଳେ କାଁ ଭାଁ ସଡ଼କ ଦୁର୍ଘଟଣା ହେଉଥିବା ଏବଂ ଜୀବନହାନୀର ଖବର ଆସୁଥିଲା। ଗୋଟିଏ ଦୁର୍ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହେଉଥିଲା। କିନ୍ତୁ ଏବେ ପ୍ରତିଦିନ ଅନେକ ଛୋଟ ବଡ଼ ଦୁର୍ଘଟଣା ହେଉଛି ଏବଂ ରାସ୍ତାରେ ଜୀବନ ଯାଉଛି। ଏକ ରିପୋର୍ଟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ସାରା ବିଶ୍ୱରେ ସର୍ବାଧିକ। ସଡ଼କ ଦୁର୍ଘଟଣାରେ ଭାରତ ହେଉଛି ବିଶ୍ୱର ରାଜଧାନୀ। ପ୍ରତି ବର୍ଷ ଏଠାରେ ଯେତିକି ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି କୌଣସି ଏକ ରୋଗରେ ବର୍ଷକୁ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି। ଗୋଟିଏ ବାକ୍ୟରେ କହିଲେ ସଡ଼କ ଦୁର୍ଘଟଣା ଏବେ ଏକପ୍ରକାର ମହାମାରୀରେ ପରିଣତ ହୋଇଛି। ଓଡ଼ିଶା ମଧ୍ୟ ସେଥିରୁ ବାଦ ପଡୁନି। ସଡକ ଦୁର୍ଘଟଣାର ଅନେକ କାରଣ ରହିଛି। ଅନେକ ସ୍ଥାନରେ ରାସ୍ତା ନିର୍ମାଣରେ ତ୍ରୁଟି, ମରାମତି ବା ରକ୍ଷଣାବେକ୍ଷଣରେ ଅବହେଳା, ରାସ୍ତାରେ ଗୋରୁଗାଈ ବା କୁକୁରଙ୍କ ଅବାଧ ଚଳପ୍ରଚଳ, ମଦ୍ୟପାନ କରି ବେପରୁଆ ଗାଡ଼ିଚାଳନା, ସାମର୍ଥ୍ୟଠାରୁ ଅଧିକ ବ୍ୟକ୍ତି ଗାଡ଼ିରେ ଯାତ୍ରା କରିବା, ଅନଭିଜ୍ଞ ବା ଅଣତାଲିମପ୍ରାପ୍ତ ଡ୍ରାଇଭର ଗାଡ଼ି ଚଳାଇବା, ଅତି ଦ୍ରୁତ ଗତିରେ ଗାଡ଼ି ଚଳାଇ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ। ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବେପରୁଆ ଆଭିମୁଖ୍ୟ ଯୋଗୁ ଦୁର୍ଘଟଣା ବଢ଼ିଚାଲିଛି। ଫଳରେ ରାସ୍ତାରେ ଧନଜୀବନ ହାନି ହେଉଛି। ବର୍ଷା ଦିନେ ସଡ଼କ ଦୁର୍ଘଟଣା ସଂଖ୍ୟା ଆହୁରି ବଢ଼ିଯାଉଛି। ଜାତୀୟ ବା ରାଜ୍ୟପଥରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଗାଡ଼ିମୋଟର ଯାଞ୍ଚ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ସହର ଭିତରେ ବି ଏହାର ଅଭାବ ରହିଛି। ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ଡ୍ରାଇଭର ବା ବାଇକ ଚାଳକଙ୍କ ବିରୋଧରେ ଯେପରି ଦଣ୍ଡବିଧାନ ହେବା ଉଚିତ ତାହା ହେଉନାହିଁ। ସର୍ବସାଧାରଣ ବା ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତ୍ରା କରୁଥିବା ବସର ଫିଟନେସ ଟେଷ୍ଟ କରାଯାଉନି। ବସରେ ସାମର୍ଥ୍ୟଠାରୁ ଅଧିକ ଲୋକ ଯାତ୍ରା କରିବା ଅନୁଚିତ। ଏହାକୁ ବି ଯାଞ୍ଚ କରାଯାଉନି। ବସ, ଟ୍ରକ ବା କାର ଚାଳକମାନେ କେତେ ଦକ୍ଷ ତାହାର ନିୟମିତ ଆକଳନ କରାଯିବା ଉଚିତ। କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି। ଯେଉଁମାନେ ରାତିରେ ବସ ବା ଟ୍ରକ ଚଳାଉଛନ୍ତି, ସେମାନଙ୍କର ନିୟମିତ ଆଖି ପରୀକ୍ଷା କରାଯିବା ଉଚିତ। ଅନେକ ଦୁର୍ଘଟଣାପ୍ରବଣ ସ୍ଥାନରେ ଯେପରି ସତର୍କତା ମୂଳକ ବ୍ୟବସ୍ଥା ରହିବା ଉଚିତ ତାହା କରାଯାଉନି। ବରଂ ଅନେକ ସମୟରେ ଅତି ଅବ୍ୟବସ୍ଥିତ ଭାବେ ରାଜପଥରେ ହମ୍ପ ନିର୍ମାଣ କରାଯାଉଛି। ତାହା ଦୁର୍ଘଟଣା ରୋକିବା ପରିବର୍ତ୍ତେ ଦୁର୍ଘଟଣାର କାରଣ ହେଉଛି। ଦୁର୍ଘଟଣାପ୍ରବଣ ସ୍ଥାନରେ ରାତିରେ ଆଲୋକ ବ୍ୟବସ୍ଥା ରହିବା ଉଚିତ। ଦିନ ରାତି ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ଉଚିତ। ରାସ୍ତା କଡ଼ରେ ଥିବା ଗାଁ ଏବଂ ବଜାର ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ଉଚିତ ଏବଂ ବେପରୁଆ ଭାବେ ରାସ୍ତା ପାରିହେବା ବା ରାସ୍ତାରେ ବୁଲିବାକୁ ବାରଣ କରାଯିବା ଉଚିତ। ଗତ ରବିବାର ରାତିରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇବାର ଦିନକ ପରେ ବାରିପଦାରେ ଏକ ଯାତ୍ରୀବାହୀ ବସ ଓଲଟି ୧୦ଜଣ ଆହତ ହୋଇଛନ୍ତି।

# ଓଡ଼ିଶାର କ୍ରୀଡ଼ାକ୍ଷେତ୍ର ଓ ଚାମ୍ପିଅନ୍ ପ୍ରତିଭା

॥ ବିପିନ ବିହାରୀ ରାଉତ ॥

> “ ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି। ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି।

ସମଗ୍ର ବିଶ୍ୱ ଦରବାରରେ ଓଡ଼ିଶା ବିଶେଷ କରି କ୍ରୀଡ଼ା କ୍ଷେତ୍ରରେ ନିଜ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି। ଏକ ଦଶନ୍ଧିର ସୀମିତ ଅବଧି ମଧ୍ୟରେ ଓଡ଼ିଶା ଜାତୀୟ କ୍ରୀଡ଼ା ଦୃଶ୍ୟପଟରେ ଗଢ଼ିଛି ନିଜର ସ୍ୱତନ୍ତ୍ର ପରିଚୟ। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ସାଙ୍ଗକୁ କ୍ରୀଡ଼ାବିତ ମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଯୋଗାଇ ଦେବାରେ ଆଦୌ କୁଣ୍ଠା ପ୍ରକାଶ କରିନାହିଁ। ଏଥିପାଇଁ ବିନିଯୋଗ ହୋଇଛି ହଜାର ହଜାର କୋଟି ଟଙ୍କା। ତୃଣମୂଳ ସ୍ତରରୁ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଚୟନ କରାଯାଇ ଦିଆଯାଇଛି ସ୍ୱତନ୍ତ୍ର ପ୍ରଶିକ୍ଷଣ। ଏ ପରିଶ୍ରମ କେବେ ବୃଥା ଯିବ ନାହିଁ। ଆଗାମୀ ଦିନରେ ଓଡ଼ିଶାରୁ ବାହାରିବେ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ। ଏହା କଳ୍ପନା ନୁହେଁ ବାସ୍ତବତା। କାରଣ ବିଶ୍ୱ ଚାମ୍ପଅନ ସୃଷ୍ଟି କରିବାର ଯେଉଁ ଭିତ୍ତିଭୂମି ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଛି, ତାହାର ଅଭାବ ଆଉ ଓଡ଼ିଶାରେ ନାହିଁ।

ଓଡ଼ିଶାରେ ଆଧୁନିକ କ୍ରୀଡ଼ା ହକି, ଆଥଲେଟିକ୍ସ, ଟେନିସ, ଫୁଟବଲ ପ୍ରଭୃତିର ପରମ୍ପରା ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ଆରମ୍ଭ ହେବାର ନଜିର ମିଳେ। ଖେଳ ଥିଲା, ଖେଳାଳି ଥିଲେ ଏବଂ ଖେଳ ପଡ଼ିଆ ବି ଥିଲା ମାତ୍ର ଜାତୀୟ ସଫଳତା ଠାରୁ ଓଡ଼ିଶା ବହୁ ପଛରେ ରହିଥିଲା। ତଥାପି ଆମେ ମୀନତି ମହାପାତ୍ର, ରଚିତା ମିସ୍ତ୍ରୀ ପଣ୍ଡା, ଅନୁରାଧା ବିଶ୍ୱାଳ, ବିଜୟ କୁମାର ଶତପଥୀ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଜ୍ୟୋତି ସୁନୀତା କୁଲୁ, ଇଗ୍ନେସ ତିର୍କୀ, କେ.ରବି.କୁମାର, ଦୂତି ଚାନ୍ଦ, ପ୍ରମୋଦ ଭଗତ, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା, ଅମିୟ କୁମାର ମଲ୍ଲିକଙ୍କ ଠାରୁ କିଶୋର କୁମାର ଜେନାଙ୍କ ପର୍ଯ୍ୟନ୍ତ ଏକାଧିକ ପ୍ରତିଭାବାନ ଅନ୍ତର୍ଜାତୀୟ କ୍ରୀଡ଼ାବିତ ସୃଷ୍ଟି କରିବାରେ ସଫଳ ହୋଇଛୁ। ବହୁ ଅଭାବ ଅସୁବିଧା ସତ୍ତ୍ୱେ ଏହି କ୍ରୀଡ଼ାବିତମାନେ ଦେଶକୁ ଗୌରବାନ୍ୱିତ କରିଛନ୍ତି। କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ, କ୍ରୀଡ଼ା ଆୟୋଜନ ଏବଂ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଦେଶରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛି।

ଏହି ଆଧାରରେ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହେଲା ୬ ହଜାର ଦର୍ଶକ ଧାରଣ ବିଶିଷ୍ଟ ଏକ ହକି ଷ୍ଟାଡିୟମ। ନବନିର୍ମିତ ହକି ଷ୍ଟାଡିୟମରେ ୨୦୧୪ ଜାନୁଆରୀ ମାସରୁ ହକି ଇଣ୍ଡିଆ ଲିଗ ଆରମ୍ଭ ହେଲା ନୂଆ ହକି ପର୍ବ। ୨୦୨୨-୨୩ରେ ୯୧୧ କୋଟି ଏବଂ ୨୦୨୩-୨୪ରେ ବଜେଟ ୧୨୧୭ କୋଟି ରହିଥିଲା। ଯାହା ଜାତୀୟ କ୍ରୀଡ଼ା ବଜେଟର ୩୩୯୭.୩୨ କୋଟି ଅଧା କହିଲେ ଭୁଲ ହେବନାହିଁ। ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର ‘କ୍ରୀଡ଼ାହବ୍’ ଏବଂ ଭୁବନେଶ୍ୱରକୁ ଦେଶର ‘କ୍ରୀଡ଼ା ରାଜଧାନୀ’ ଭାବେ ଗଢ଼ି ତୋଳିବା ନେଇ ବିଭିନ୍ନ ଯୋଜନା ହାତକୁ ନେଲେ। ଏହାପରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗଢ଼ି ଉଠିଲା ଗୋଟିଏ ପରେ ଗୋଟିଏ କ୍ରୀଡ଼ା ଭିତ୍ତିଭୂମି।

ରାଜ୍ୟ ସରକାର ବିଭିନ୍ନ ଉଦ୍ୟୋଗଙ୍କ ସହ ଚୁକ୍ତି ସ୍ୱାକ୍ଷର କରି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ଏବଂ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଖୋଲିଛନ୍ତି। ପରେ ରିଲାଏନ୍ସ ସହଯୋଗରେ ଆଥଲେଟିକ, ଜେଏସଡବ୍ଲ୍ୟୁ ସହଯୋଗରେ ସନ୍ତରଣ, ଅଭିନବ ବିନ୍ଦ୍ରାଙ୍କ ସହାୟତାରେ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଗଗନ ନାରଙ୍ଗଙ୍କ ସହାୟତାରେ ସୁଟିଂ, ଉତ୍କର୍ଷ କେନ୍ଦ୍ର ଏବଂ ଅନ୍ୟ ଉଦ୍ୟୋଗମାନଙ୍କ ସହଯୋଗରେ ଭାରୋତ୍ତୋଳନ, ଜିମ୍ନାଷ୍ଟିକ, ବ୍ୟାଡ଼ମିଣ୍ଟନ, ଫୁଟବଲ ପ୍ରଭୃତି ଉତ୍କର୍ଷ କେନ୍ଦ୍ରର ପ୍ରତିଷ୍ଠା ହୋଇଛି। ଦର୍ଶକ ଧାରଣ କ୍ଷମତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଆଧାର କରି ରାଉରକେଲାରେ ନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ ବୁକ ଅଫ୍ ରେକର୍ଡ଼ରେ ସ୍ଥାନ ପାଇଛି। ଯାହା ଓଡ଼ିଶା ପାଇଁ ଗର୍ବର ବିଷୟ। ୨୬୦ କୋଟି ଟଙ୍କାରେ ଏହି ଷ୍ଟାଡିୟମ ମାତ୍ର ୧୫ ମାସ ମଧ୍ୟରେ ନିର୍ମାଣ ହୋଇଥିଲା। ମୁଖ୍ୟ କଳିଙ୍ଗ ଷ୍ଟାଡିୟମ (ଆଥଲେଟିକ୍ସ ଓ ଫୁଟବଲ)ର ପଶ୍ଚିମ ପାର୍ଶ୍ୱକୁ ଆଥଲେଟିକ ଓ ଫୁଟବଲ ଅଭ୍ୟାସ ପଡ଼ିଆ ଏବଂ ଏହାର ପଶ୍ଚିମ ପାର୍ଶ୍ୱକୁ ନିର୍ମାଣ ହୋଇଛି ଦେଶର ପ୍ରଥମ ଆଥଲେଟିକ୍ସ ଇନଡୋର ଷ୍ଟାଡିୟମ।

ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଟେନିସ କୋର୍ଟ ରହିଥିଲା। କିନ୍ତୁ ଟେନିସକୁ ନେଇ ଅତ୍ୟାଧୁନିକ ବ୍ୟବସ୍ଥା ନଥିଲା। ୧୨୦୦ରୁ ଊର୍ଦ୍ଧ୍ୱ ଦର୍ଶକ ବସି ମ୍ୟାଚ ଦେଖିପାରିବା ଭଳି ଏକ ଷ୍ଟାଡିୟମ ନିର୍ମିତ ହୋଇଛି। ଏଠାରେ ଚଳିତ ବର୍ଷ ଜୁନିୟର ବର୍ଗରେ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଷ୍ଟାଡିୟମରେ ଖେଳାଳିଙ୍କ ପାଇଁ ସମସ୍ତ ଆଧୁନିକ ସୁବିଧା ରହିଛି। ୨୦୧୪ରେ ହକି ଚାମ୍ପିଅନ୍ସ ଟ୍ରଫି, ୨୦୧୭ରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ, ୨୦୧୯ରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିଅନସିପ, ୨୦୧୮ ଓ ୨୦୨୩ରେ କ୍ରମାନ୍ୱୟରେ ଦୁଇଥର ପୁରୁଷ ହକି ବିଶ୍ୱକପ, ୨୦୨୧ରେ ଜୁନିୟର ହକି ବିଶ୍ୱକପ, ୨୦୨୨ରେ ୧୭ ବର୍ଷରୁ କମ ଫିଫା ମହିଳା ବିଶ୍ୱକପ, ସାଫ ୨୦ ବର୍ଷରୁ କମ ଚାମ୍ପିଅନସିପ, ଇଣ୍ଟର କଣ୍ଟିନେଣ୍ଟାଲ କପ-୨୦୨୩, ମହିଳା ଗୋଲ୍ଡ କପ ପ୍ରଭୃତି ପ୍ରତିଯୋଗିତାର ସଫଳ ଆୟୋଜନ କରି ଓଡ଼ିଶା ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଶେଷ କରି ୨୦୧୮ ଓ ୨୦୨୩ ହକି ବିଶ୍ୱକପ ଆୟୋଜନ କରି ବିଶ୍ୱରେ ଓଡ଼ିଶା ଅଧିକ ପ୍ରଶଂସିତ ହୋଇପାରିଥିଲା। ରାଜ୍ୟ ସରକାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ଯାଜପୁର ଓ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରୁଛନ୍ତି। କେବଳ ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟଫ ବିଛା ଯାଉଛି। ସାରା ରାଜ୍ୟରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ଯେତିକି କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହୋଇଛି ସେଥିପାଇଁ ୨୫୦୦ କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହୋଇ ସାରିଲାଣି। ଓଡ଼ିଶାର ବିଭିନ୍ନ ଶିକ୍ଷାୟତନରେ ନିକଟରେ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ କଟକ ସିଡିଏ ସେକ୍ଟର ଆଠସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉକି ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦ ସିଂହଙ୍କ ତାଙ୍କର ପବିତ୍ର ଜନ୍ମ ତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ସାହିତ୍ୟିକ, କବୟିତ୍ରୀ ତଥା ନାଳନ୍ଦା ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆମ ଦୈନନ୍ଦିନ ଜୀବନରେ କ୍ରୀଡ଼ା ଓ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସଚେତନ କରାଇବା ସହ କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ, ଅଭିବୃଦ୍ଧିସମ୍ପନ୍ନ, ଦକ୍ଷ ସମର୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ଲାଗି ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ ଓ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ। ସୂଚନାଥାଉକି ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିବା ସହ ଅନେକ ବିଦ୍ୟାର୍ଥୀ ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ସମୂହରେ ଯୋଗ ଦେଇ ସଫଳତା ପାଇବା ସହ କେବଳ ବିଦ୍ୟାଳୟର ନୁହେଁ ରାଜ୍ୟର ଗୌରବକୁ ଅଭିବୃଦ୍ଧି କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମାସରେ ଜିମ୍ନାଷ୍ଟିକ ଉତ୍କର୍ଷ କେନ୍ଦ୍ରର ଉଦଘାଟନ କରିଥିଲେ। ଜିମ୍ନାଷ୍ଟିମାନେ ଏଠାରେ ରହି ନିୟମିତ ଅଭ୍ୟାସ କରିବାର ବ୍ୟବସ୍ଥା କରାଯାଇଛି। ଭାରତୀୟ ହକିର ପୁନରୁତ୍ଥାନରେ ଓଡ଼ିଶାର ରହିଛି ପ୍ରମୁଖ ଭୂମିକା। ୨୦୧୮ରେ ଓଡ଼ିଶା ହକି ଇଣ୍ଡିଆର ମୁଖ୍ୟ ପ୍ରାୟୋଜକ ପାଇଁ ୫ ବର୍ଷିଆ ଚୁକ୍ତି କରିଥିଲେ। କେବଳ ହକି ନୁହେଁ ରଗବୀ ଓ ଫୁଟବଲକୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କୌଣସି ଜାତୀୟ ସ୍ତରର କ୍ରୀଡ଼ାର ମୁଖ୍ୟ ପ୍ରାୟୋଜକ ହେବା କ୍ଷେତ୍ରରେ ଓଡ଼ିଶା ପ୍ରଥମ ରାଜ୍ୟ। ଓଡ଼ିଶା କେବଳ ଭିତ୍ତିଭୂମି ନିର୍ମାଣ, କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ସୀମିତ ରହିନାହିଁ। ତୃଣମୂଳ ସ୍ତରରୁ କ୍ରୀଡ଼ାବିତ ବାହାର କରିବା ନେଇ ପ୍ରୟାସ ଜାରି ରଖିଛି। ସେମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦେଇ ଭବିଷ୍ୟତ ପାଇଁ ମଧ୍ୟ ପ୍ରସ୍ତୁତ କରୁଛି। ଓଡ଼ିଶା ଆଥଲେଟିକ୍ ଇତିହାସରେ ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଯୋଡ଼ିଛନ୍ତି ନୂଆ ଫର୍ଦ୍ଦ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପର ଫାଇନାଲକୁ ଉନ୍ନୀତ ହେବା ଏବଂ ଫାଇନାଲରେ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପଞ୍ଚମ ସ୍ଥାନ ହାସଲ କରିବା କମ ଗୌରବର ବିଷୟ ନଥିଲା। ପ୍ରଥମ ଓଡ଼ିଆ ଭାବେ ସେ ବିଶ୍ୱ ଚାମ୍ପିଅନସିପ ଫାଇନାଲିଷ୍ଟ ତାଲିକାରେ ସ୍ଥାନ ପାଇଥିଲେ। ଓଡ଼ିଶାର କ୍ରୀଡ଼ା ପ୍ରତିଭାମାନେ ସମଗ୍ର ବିଶ୍ୱରେ ନିଜର, ରାଜ୍ୟର ଓ ଦେଶର ଗୌରବ ବୃଦ୍ଧିରେ ଆଗେଇ ଚାଲିଛନ୍ତି। ସେମାନଙ୍କର ସଫଳତାର ଯାତ୍ରା ଆହୁରି ଆଗକୁ ବଢ଼ି ଚାଲୁ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩,

# ଭୁବନେଶ୍ୱରରେ ଗୋଟିଏ ଦିନ

॥ ଅନୀତା ପଟ୍ଟନାୟକ ॥

ବାପା କେତେକ ସାଙ୍ଗମାନଙ୍କ ସହ ଘରର ବୈଠକଖାନାରେ ବସିଥିଲେ। ଆଗକୁ ଖରାଛୁଟି ଆସୁଥିବାରୁ ପାଠପଢ଼ାର ବୋଝ କମ ଥାଏ। ମୁଁ ଭାଇ ଓ ମାଆ ବାପାଙ୍କ ସାଙ୍ଗମାନେ ଚାଲିଯିବା ପରେ ଏକାଠି ହୋଇ ବାପାଙ୍କୁ ଦୃଢ଼କଣ୍ଠରେ କହିଲୁ ଆମେ ବୁଲିଯିବାକୁ ଚାହୁଁ। ବାପା ଆମର ଉତ୍ସାହ ଦେଖି କହିଲେ ହଉ। ଆମେ ବିଧାନସଭା, ନନ୍ଦନକାନନ, ଆଶ୍ରମ ଓ ମନ୍ଦିର ପ୍ରଭୃତି ବୁଲି ଦେଖିବା। ଦିନସ୍ଥିର ହେଲା ଏବଂ ଆମେ ଗାଡ଼ିରେ ବାହାରିଲୁ।

ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ଦେଖିଲୁ କିଛି ପଣ୍ଡିତ ବେଦପାଠ କରୁଛନ୍ତି। ମୁଁ ବାପାଙ୍କୁ ପଚାରିଲି ବାପା ବେଦକୁ ପାଠକଲେ କ’ଣ ହୁଏ। ଜଣେ ପଣ୍ଡିତ ଏକଥା ଶୁଣି ମତେ କହିଲେ ପଠିତ ବେଦମନ୍ତ୍ରର ଅର୍ଥ ଉପରେ ମନନ କଲେ ଅଧିକ ସମୟ ପାଇଁ ସ୍ଥାୟୀ ଆନନ୍ଦ ମିଳେ। ସେ କହିଲେ ଜାତୀୟ ମୂଲ୍ୟବୋଧର କଷ୍ଟଦାୟକ ପତନ ଘଟିଛି। ଏହାଫଳରେ ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତିର ଚିହ୍ନ ଧୋତି, ତିଳକ, ଚୂଳଗୁଚ୍ଛ ଉଭେଇ ଯାଇଛି। କେବଳ ସେତିକି ନୁହେଁ ବେଦରେ ନିହିତ ଥିବା ଶାଶ୍ୱତ ସତ୍ୟ ମଧ୍ୟ ଉଭେଇ ଯାଇଛି। କି ଦୁଃଖର କଥା ତୁମପରି ଶିକ୍ଷିତ ପିଲାମାନେ ଆଜି ପଚାରୁଛ ଯେ ବେଦ କାହିଁକି ପଢ଼ାଯାଏ।

ଆମେ ମନ୍ଦିରରୁ ଫେରି ବାଟରେ ଆସୁଥିବା ସମୟରେ ବାପା କହିଲେ ପ୍ରତ୍ୟେକ ମଣଷ ଅତୃପ୍ତ ତୃଷ୍ଣା ଓ ଅଦମ୍ୟ କ୍ଷୁଧା ନେଇ ସେ ଜନ୍ମ ହୁଏ ଆନନ୍ଦକୁ ଖୋଜିବା ନିମନ୍ତେ। ସେ ଆନନ୍ଦ ଲାଭ କରିବାକୁ ଚାହେଁ କିନ୍ତୁ ତାହା କେଉଁଠି ମିଳିବ ତାହା ଜାଣେନାହିଁ। ସେ ଯେ ଆନନ୍ଦ ପାଇବାକୁ ହକଦାର ଓ ଆନନ୍ଦ ତା ମନ ଭିତରେ ଅଛି ସେ କଥା ସେ ବୁଝିପାରେ ନାହିଁ। ସେ ଆନନ୍ଦ ପାଇବାର ଉପାୟ ଖୋଜେ। ସେ ମୃତ୍ୟୁବରଣ କରେ କଷ୍ଟ ଭୋଗକରେ ତାକୁ ଘୃଣା କରିବାକୁ ପଡ଼େ କିନ୍ତୁ ସବୁବେଳେ ତା ଭିତରେ କିଏ ପ୍ରତିବାଦ କରିକହେ ତୁ ଅମୃତର ସନ୍ତାନ, ଆନନ୍ଦ ଓ ପ୍ରେମର ସନ୍ତାନ। ସେ କିନ୍ତୁ ଏ ଶବ୍ଦକୁ ଶୁଣିପାରେ ନାହିଁ। ସୁନା ବଦଳରେ କିଛି ମଇଳା ଖୋଜିଆଣେ। ନୀତି ସ୍ତରର ଜୀବନ ଭିତରେ ଆନନ୍ଦ ଖୋଜିବାକୁ ଦୌଡ଼େ।

ମାଆ କହିଲେ ତାହାଲେ ମୂଲ୍ୟବୋଧ ଜ୍ଞାନ ନଥିଲେ କଣ ପତନ ସୁନିଶ୍ଚିତ। ବାପା କହିଲେ ହଁ। ବୁଦ୍ଧି ବାମ ହେଲେ ମନୁଷ୍ୟ ଦୁଷ୍କର୍ମ କରି କଳଙ୍କର ଚିହ୍ନନେଇ ମୃତ୍ୟୁବରଣ କରେ। ମୁଁ କହିଲି ଆମ ସାର କାଲି ସ୍କୁଲରେ କହୁଥିଲେ ବୁଦ୍ଧି ଏକ ଦୁଇ ପାଖ ଧାର ଥିବା ଅସ୍ତ୍ର। ଏହା ବନ୍ଧନ ଛିନ୍ନ କରି ମୁକ୍ତି ଦେଇପାରେ ଏବଂ ମାରାତ୍ମକ କ୍ଷତ ସୃଷ୍ଟିକରି ପ୍ରାଣ ନେଇଯାଇପାରେ। ଏହି ସମୟରେ ଆମର ଆଲୋଚନାକୁ ଭଙ୍ଗ କରି ଗାଡ଼ି ଚାଳକ କହିଲେ ଆଜି ଭାରି କୁହୁଡ଼ି ହୋଇଛି। ଗାଡ଼ିର ଲାଇଟରେ ମଧ୍ୟ ରାସ୍ତା ଠିକ ଭାବରେ ଦେଖାଯାଉନାହିଁ। କିଛି ସମୟ ପରେ ଖରା ପଡ଼ିଗଲେ ଗାଡ଼ିରେ ଚାଲିଲେ ଭଲ ହେବ। ଆପଣ ଏଠାରେ ଟିକେ ଜଳଖିଆ କରି ନିଅନ୍ତୁ।

ଖାଇବା ଟେବୁଲରେ ମାଆ କହିଲେ ଆମେ ଭାବ ପ୍ରବଣତା ଓ ପ୍ରବୃତ୍ତିକୁ ସଞ୍ଚିତ କରିବା ଦରକାର। ଏହି ଯୋଗ ବଳରେ ବୁଦ୍ଧିକୁ ନିର୍ମଳ କରିହୁଏ। ସଦଗୁଣର ଭିତ୍ତିଭୂମି ଉପରେ ବୁଦ୍ଧି ପ୍ରତିଷ୍ଠିତ ହେବା ଦରକାର। କର୍ମ ଯଦି ଉର୍ତ୍ସଗୀକୃତ ଭାବରେ କରାଯାଏ ତେବେ ବୁଦ୍ଧି ପରିଷ୍କାର ହୋଇଯାଏ। କୁହୁଡ଼ି ଉଭେଇ ଯାଏ ସତ୍ୟ ଉଦଭାସିତ ହୁଏ। ଭଗବାନଙ୍କ ପ୍ରତି ଉର୍ତ୍ସଗୀକୃତ କର୍ମ କୁପ୍ରଭାବକୁ ହରାଇଥାଏ। କିନ୍ତୁ କର୍ମର ଫଳକୁ ଆମେ ଭଗବାନଙ୍କ ପାଖରେ ଛାଡ଼ିଦେବା ଉଚିତ। କୁହୁଡ଼ି ଅଜ୍ଞାନ ସଦୃଶ ଓ ଅହଂକାରର ପ୍ରତୀକ ଓ ଈଶ୍ୱରଙ୍କୁ ଲୁଚାଇ ଦିଏ ଓ ଜୀବ ଭିତରେ ଭ୍ରାନ୍ତ ଧାରଣା ସୃଷ୍ଟି କରେ। ଧୂଳି ଓ କୁହୁଡ଼ି ସତ୍ୟକୁ ହତ୍ୟା କରେ କିନ୍ତୁ ଜ୍ଞାନ ଉଦଭାସିତ ହେଲେ କୁହୁଡ଼ି ଆପେ ଆପେ ଚାଲିଯାଏ। ଆଜି କାଲିର ଲୋକମାନେ ଧୂଳି, କୁହୁଡ଼ି ଓ ଅଜ୍ଞାନତାକୁ ପସନ୍ଦ କରୁଛନ୍ତି। ଆମେ ଖାଇସାରି ନନ୍ଦନକାନନ ବୁଲିବାକୁ ଗଲୁ। ସେଠାରେ ଗୋଟିଏ ହାତୀ ଦେଖିଲୁ। ଲୋକମାନେ ପଇସା ଦେଇ ହାତୀ ପିଠିରେ ବସିବା ପାଇଁ ମାହୁନ୍ତ ନିକଟରେ ଏକ ରକମ ପ୍ରତିଯୋଗିତା କରୁଥାନ୍ତି। ବାପା କହିଲେ ଝିଅ ଦେଖ ! ଯେଉଁ ହାତୀ ଦିନେ ଦଳପତି ଥିଲା ଓ ତାର ଦଳକୁ ଦେଖି ଜଙ୍ଗଲର ରାଜା ସିଂହ ମଧ୍ୟ ଭୟ କରୁଥିଲା ସେ ଧରା ପଡ଼ିଯାଇ ମନୁଷ୍ୟର ଆଦେଶ ମୁତାବକ କାଠ ଗଣ୍ଡି ଓ ମଣିଷକୁ ବୋହୁଛି। ସେ ନିଜର ଶକ୍ତି ଓ ସୌନ୍ଦର୍ଯ୍ୟକୁ ଭୁଲି ଯାଇଛି। ମଣିଷ ମଧ୍ୟ ଆଜି ବେଦ ଓ ଭାରତୀୟ ସଂସ୍କୃତିକୁ ଭୁଲି ଯାଇଛି। କେତେକ କର୍ମ ଅଛି ଯାହାକୁ ମଣିଷ ଯେତେ ମନ ହରଣକାରୀ ଓ ପ୍ରଲୋଭିତ ହୋଇଥିଲେ ମଧ୍ୟ ଏହାକୁ କରିବା ଉଚିତ ନୁହେଁ। କିନ୍ତୁ ଏବେ ବେଦକୁ ଓ ଭାରତୀୟ ସଂସ୍କୃତିକୁ ଭୁଲିଯିବା ଫଳରେ ମନୁଷ୍ୟ ନିଜର ଲୋଭ ଓ ସ୍ୱାର୍ଥପରତା ମାଡ଼ି ବସୁଛି।

ମୁଁ କହିଲି ବାପା ବେଦ କାହିଁକି ଆମ ପାଠ୍ୟକ୍ରମରେ ନାହିଁ। ତୁମେ କହୁଥିଲ ବିଦ୍ୟା ଦଦାତି ବିନୟମ। ଭକ୍ତି ଓ ବିନୟତା ବିଷୟରେ ଆମ ସ୍କୁଲ ପାଠକ୍ୟକ୍ରମରେ କାହିଁକି କିଛି ପଢ଼ା ଯାଉନାହିଁ। ଏହା ଛାତ୍ର ଓ ଛାତ୍ରୀମାନେ କିପରି ହାସଲ କରିପାରିବେ। ଏହି ସମୟରେ ଆମ ଗାଡ଼ି ବିଧାନ ସଭା ସୌଧ ସାମ୍ନାରେ ପହଞ୍ଚିଲା। ଆମେ ଦେଖିଲୁ ବାହାରେ ଖୁବ ହଟ୍ଟଗୋଳ ଲାଗି ରହିଥାଏ। ପ୍ରତିବର୍ଷର ମୀନା ବଜାର ପରି ଅନେକ ତମ୍ବୁ ଟଙ୍ଗା ଯାଇ ବିଭିନ୍ନ ସଙ୍ଗଠନର ଲୋକମାନେ ବିଭିନ୍ନ ତମ୍ବୁତଳେ ବପସି ସରକାରଙ୍କ ବିରୁଦ୍ଧରେ ନାରା ଦେଉଥାନ୍ତି। ଜଣେ ପୋଲିସ ବାବୁ ବାପାଙ୍କୁ କହିଲେ ବିଧାନସଭା ଦେଖିବେ କଣ ? ଆଜି ହଟ୍ଟଗୋଳ ହୋଇ ବିଧାନସଭା ମୁଲତବୀ ହୋଇଯାଇଛି।

ମାଆ କହିଲେ ଗୁରୁଜନମାନେ ତାଙ୍କ ବାତାବରଣ, ଘର ଭିତରେ ଗାଁ ଭିତରେ, କ୍ଲବରେ, ସାମାଜିକ କ୍ଷେତ୍ରରେ ଓ ବିଧାନସଭା ସୌଧ ଭିତରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଭକ୍ତି ବିନୟଭାବ ଯୁବ ସମାଜକୁ ଶିଖାଇ ଦେବାରେ ସାହାଯ୍ୟ କରିବା ଉଚିତ। ତରୁଣମାନେ ବୟସ୍କ ବ୍ୟକ୍ତିଙ୍କ ଠାରୁ ଅତିଶୀଘ୍ର ଶିଖିଯାଆନ୍ତି ସେ ଦୃଷ୍ଟିକୋଣରୁ ସେମାନେ ଯୁବ ସମାଜ ଆଗରେ ଆଦର୍ଶ ସ୍ଥାନୀୟ ହୋଇ ଦଣ୍ଡାୟମାନ ହେବା ଦରକାର। ଗଲ ଏ ଜାଗା ବଡ଼ ବିପଦ ଶଙ୍କୁଳ ଲାଗୁଛି ତୁ ଝିଅ ବଡ଼ ହେଲେ ଭକ୍ତି ଓ ବିନୟର ନୀତିକୁ ଶିକ୍ଷାରେ ରଖିବା ପାଇଁ ସରକାରଙ୍କୁ ଅନୁରୋଧ ରଖିବୁ।

ଅବସରପ୍ରାପ୍ତ ପ୍ରାଧାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୬୯୮୦୦୨୬

# ପ୍ରଦୂଷଣର ଭୟାବହତା ଓ ଜୀବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିବ। ଆଜମା ରୋଗୀଙ୍କ ସମସ୍ୟା ବଢ଼ିବ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ସମସ୍ତେ ସବୁଜ ଦୀପାବଳି ପାଳିବାକୁ ହେବ। ଦୀପାବଳିର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା। ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସଫୁସ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସଂପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ। ପ୍ରଦୂଷଣ କଥା ନେଇ ଆମ୍ଭେମାନେ ଯେ ଜାଣି ନାହୁଁ ତାହା ନୁହେଁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ଅଳ୍ପ ବହୁତେ ଆମ୍ଭେମାନେ ସାମ୍ନା କରୁଛୁ ଏବଂ ଆଗକୁ ଜଳବାୟୁ ପରିବର୍ତ୍ତନର କାରଣ ମଧ୍ୟ ପରିବେଶକୁ ଆହୁରି ସଙ୍ଗୀନ କରିପାରେ। ଏ କ୍ଷେତ୍ରରେ ବ୍ୟାପକ ବୃକ୍ଷରୋପଣ ଓ ଗଛ କଟା ଉପରେ ଲଗାମ ରଖିବା ସହ ପରିବେଶକୁ ନେଇ ଆମ୍ଭମାନଙ୍କ ଭିତରେ ଗଭୀର ଓ ଆନ୍ତରିକ ସଚେତନତା ଜରୁରୀ।

ଦୂରଭାଷ : ୯୪୩୮୨୭୬୭୬୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଇଫକୋ ପାରାଦୀପ ୟୁନିଟରେ ସତର୍କତା ସଚେତନତା ସପ୍ତାହ ପାଳିତ

ପାରାଦୀପ, (ମହାଭାରତ) : ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ନଭେମ୍ବର ୩ ଏବଂ ୪ ତାରିଖ ଦୁଇଦିନ ଧରି 'ସତର୍କତା - ଆମର ସହଭାଗୀ ଦାୟିତ୍ୱ' ଜାତୀୟ ବିଷୟବସ୍ତୁ ସହିତ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳିତ ହୋଇଯାଇଛି, ଯାହା କାର୍ଯ୍ୟର ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଅଖଣ୍ଡତା ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ଇଫକୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କପୁରଙ୍କ ଦ୍ୱାରା ପରିଚାଳିତ ସତର୍କତା ସପଥପାଠ ସହିତ ନଭେମ୍ବର ୩ ତାରିଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅଧିବେଶନ ପରେ ଏକ ଅନଲାଇନ୍ ୱେବିନାର ମାଧ୍ୟମରେ ସତର୍କତା ସଚେତନତା ଅଭିଯାନ ୨୦୨୫ ର ଆନୁଷ୍ଠାନିକ ଉଦଘାଟନ କରାଯାଇଥିଲା ଯେଉଁଠାରେ ଶ୍ରୀ କପୁର ଦେଶବ୍ୟାପୀ ସମସ୍ତ ଇଫକୋ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ ଏବଂ ସେମାନଙ୍କୁ ନୈତିକ ମୂଲ୍ୟବୋଧ ଅନୁସରଣ କରିବାକୁ ଏବଂ ସାଂଗଠନିକ କାର୍ଯ୍ୟଶୈଳୀରେ ସଚେତନ ରହିବାକୁ ଅନୁରୋଧ କରିଥିଲେ। ଇଫକୋର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀମତୀ ପୂଜା କୋହଲି ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଇଫକୋର ଅଧ୍ୟକ୍ଷ ଦିଲୀପ ସଂଘାନୀଙ୍କ ବାର୍ତ୍ତା ପାଠ କରିଥିଲେ, ଏବଂ ସଚେତନତାକୁ ସୁଦୃଢ଼ ??କରିବାରେ କର୍ମଚାରୀଙ୍କ ସାମୂହିକ ଭୂମିକା ଉପରେ ଆଲୋକପାତ କରିଥିଲେ। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମ ମଧ୍ୟରେ, ବିଭିନ୍ନ ଅଂଶଗ୍ରହଣକାରୀ ଗୋଷ୍ଠୀ ମଧ୍ୟରେ ସୃଜନଶୀଳତା ଏବଂ ଉତ୍ସାହ ପ୍ରଦର୍ଶନ କରି ଏକ ସ୍ପନ୍ଦନଶୀଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କର୍ମଚାରୀ ଏବଂ ସେମାନଙ୍କର ପରିବାର ପାଇଁ ପୃଥକ ଭାବରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନବମ ରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା କର୍ମଚାରୀ ପିଲାମାନଙ୍କ ପାଇଁ ଏକ ଇଂରାଜୀ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଏବଂ କର୍ମଚାରୀମାନଙ୍କ ପାଇଁ ଏକ ହିନ୍ଦୀ ପ୍ରବନ୍ଧ ଲେଖା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଇଫକୋ ପାରାଦୀପ ଡିଏଭି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପୋଷ୍ଟର ପ୍ରତିଯୋଗିତା ଏବଂ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ଏକ ବହୁଭାଷୀ ସ୍ଲୋଗାନ ପ୍ରତିଯୋଗିତା ସାଧାରଣରେ ଉତ୍ସାହ ବୃଦ୍ଧି କରିଥିଲା। କାର୍ଯ୍ୟକ୍ରମରେ ଉତ୍ସାହୀ ଅଂଶଗ୍ରହଣ ଏବଂ ସମସ୍ତ ବର୍ଗରୁ ଉଲ୍ଲେଖନୀୟ ପ୍ରତିଭା ଦେଖିବାକୁ ମିଳିଥିଲା। ୪ ନଭେମ୍ବରରେ ଅନୁଷ୍ଠିତ ସମାପନୀ କାର୍ଯ୍ୟକ୍ରମରେ ଇଫକୋ




ପାରାଦୀପର ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉପସ୍ଥିତ ଦର୍ଶକଙ୍କୁ ସମ୍ବୋଧିତ କରି, ସେ ଏକ ଶକ୍ତିଶାଳୀ ସଂଗଠନ ଏବଂ ରାଷ୍ଟ୍ର ଗଠନ ପାଇଁ ଦୈନନ୍ଦିନ ସତର୍କତା, ସଚ୍ଚୋଟତା ଏବଂ ନୈତିକ କାର୍ଯ୍ୟ ସଂସ୍କୃତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଆମକୁ ସଚେତନତାକୁ ଅଭ୍ୟାସରେ ଏବଂ ଅଭ୍ୟାସକୁ ସଂସ୍କୃତିରେ ପରିଣତ କରିବାକୁ ପଡିବ' ବୋଲି ଶ୍ରୀ ମହାପାତ୍ର କହିବା ସହ ଅଂଶଗ୍ରହଣକାରୀ ଙ୍କୁ ଉତ୍ସାହିତ କରିଥିଲେ କ୍ଷ ସଚେତନତା ମୁଖ୍ୟ ପରିଚାଳକ ରାକେଶ ପାଣ୍ଡେ ଏହି ଅଭିଯାନ ସମୟରେ ହୋଇଥିବା କାର୍ଯ୍ୟକ୍ରମ ଗୁଡ଼ିକର ସାରାଂଶ ଉପସ୍ଥାପନ କରିଥିଲେ ଏବଂ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମାରୋହରେ ସମ୍ମାନିତ କରାଯାଇଥିଲା। ଏସ୍.ପି. ??ରଥ, ଜିଏମ୍ (ନାନୋ)ଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି ଦୁଇ ଦିନିଆ ସତର୍କତା ସଚେତନତା କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରିବା ଏବଂ ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ସମସ୍ତ କମିଟି ସଦସ୍ୟଙ୍କୁ ବିଶେଷ କୃତଜ୍ଞତା ଏବଂ ଧନ୍ୟବାଦ ଦିଆଯାଇଥିଲା। ଏହା ବ୍ୟତୀତ, ଦୈନନ୍ଦିନ ଦାୟିତ୍ୱରେ ସତର୍କତା, ସଚ୍ଚୋଟତା ଏବଂ ନୈତିକ ଅଭ୍ୟାସର ଗୁରୁତ୍ୱ ଉପରେ କର୍ମଚାରୀ ଏବଂ ଉପରେ ନିର୍ଭରଶୀଳମାନଙ୍କୁ ପ୍ରଭାବଶାଳୀ ଭାବରେ ସଚେତନ କରିବା ପାଇଁ ରାକେଶ ପାଣ୍ଡେଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଇଥିଲା।

# ଚଳିତ ଶିକ୍ଷାବର୍ଷର ୬ ମାସ ବିତିଥିଲେ ମଧ୍ୟ ପିଲାଙ୍କୁ ମିଳିନାହିଁ ସ୍କୁଲ ପୋଷାକ

କେନ୍ଦୁଝର, (ମହାଭାରତ): ଚଳିତ ଶିକ୍ଷାବର୍ଷର ୬ ମାସ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ପୋଷାକ ମିଳିନାହିଁ । କେନ୍ଦୁଝର ଜିଲାର ୧୩ଟି ବ୍ଲକରେ ୨୬୨୪ ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ମଧ୍ୟଇଂରାଜୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର (ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ଅଧ୍ୟୟନରତ ୨ଲକ୍ଷ ୧ ହଜାର ୨୨୦ ଜଣ ଛାତ୍ରଛାତ୍ରୀଙ୍କୁ ଜଣ ପିଛା ୫୦୦ ଟଙ୍କାରେ ୨ ହଳ ବିଦ୍ୟାଳୟ ପୋଷାକ ପ୍ରଦାନ କରାଯିବ । ସରକାରୀ ତଥ୍ୟ ଅନୁସାରେ, ଚମ୍ପୁଆ ବ୍ଲକର ୧୬୩ଟି ବିଦ୍ୟାଳୟର ୧୩ହଜାର ୧୮୧ ଜଣ ଛାତ୍ରଛାତ୍ରୀ,ଘସିପୁରା ବ୍ଲକର ୨୦୧ଟି ବିଦ୍ୟାଳୟର ୧୫ ହଜାର ୫୪ ଜଣ ଛାତ୍ରଛାତ୍ରୀ,ହରିଚନ୍ଦନପୁର ବ୍ଲକର ୨୩୨ଟି ବିଦ୍ୟାଳୟର ୧୯ ହଜାର ୨୨୮ ଜଣ ଛାତ୍ରଛାତ୍ରୀ,ହାଟଡିହି ବ୍ଲକର ୨୫୯ଟି ବିଦ୍ୟାଳୟର ୧୭ ହଜାର ୨୨୭ ଜଣ ଛାତ୍ରଛାତ୍ରୀ,ଝୁମ୍ପୁରା ବ୍ଲକର ୧୮୭ଟି ବିଦ୍ୟାଳୟର ୧୪ ହଜାର ୧୯୩ ଜଣ ଛାତ୍ରଛାତ୍ରୀ,ଯୋଡା ବ୍ଲକର ୧୮୫ଟି ବିଦ୍ୟାଳୟର ୨୩ ହଜାର ୮୨୨ ଜଣ ଛାତ୍ରଛାତ୍ରୀ,ପାଟଣା ବ୍ଲକର ୧୮୦ଟି ବିଦ୍ୟାଳୟର ୧୧ହଜାର ୨୮୭ ଜଣ ଛାତ୍ରଛାତ୍ରୀ,ସଦର ବ୍ଲକର ୨୩୭ଟି ବିଦ୍ୟାଳୟର ୧୮ହଜାର ୧୯୭ ଜଣ ଛାତ୍ରଛାତ୍ରୀ,ସାହାରପଡା ବ୍ଲକର ୧୬୪ଟି ବିଦ୍ୟାଳୟର ୧୦ହଜାର ୧୬୧ ଜଣ ଛାତ୍ରଛାତ୍ରୀ, ତେଲକୋଇ ବ୍ଲକର ୨୧୨ଟି ବିଦ୍ୟାଳୟର ୧୩୪୨୦ ଜଣ ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ ୧ଲକ୍ଷ ୫୫ ହଜାର ୭୭୦ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଂଟନ ପକ୍ରିୟା ଚାଲିଛି । ଜିଲାର ୧୩ ଟି ବ୍ଲକ ମଧ୍ୟରୁ ୧୦ ଟି ବ୍ଲକରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଂଟନ ପକ୍ରିୟା ଚାଲିଥିବାବେଳେ ବାଂଶପାଳ,ଆନନ୍ଦପୁର,ଘଟଗାଁ ବ୍ଲକରେ ପୋଷାକ ଦିଆଯାଇନାହିଁ । ବାଂଶପାଳ ବ୍ଲକର ୨୧୮ଟି ବିଦ୍ୟାଳୟର ୧୭ହଜାର ୪୪୫ଜଣ ଛାତ୍ରଛାତ୍ରୀ,ଆନନ୍ଦପୁର ବ୍ଲକର ୧୯୪ ବିଦ୍ୟାଳୟର ୧୩ହଜାର ୭୩୩ ଜଣ ଛାତ୍ରଛାତ୍ରୀ ଏବଂ ଘଟଗାଁ ବ୍ଲକର ୧୯୨ ବିଦ୍ୟାଳୟର ୧୪ ହଜାର ୨୭୨ଜଣ ଛାତ୍ରଛାତ୍ରୀ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଇନାହିଁ । ନୂଆ ପୋଷାକ ମିଳି ନଥିବାରୁ ଏବେ ୩ ଟି ବ୍ଲକର ବହୁ ଛାତ୍ରଛାତ୍ରୀ ପୁରୁଣା ଫଟା ଡ୍ରେସ ପିନ୍ଧି ସ୍କୁଲ ଆସୁଛନ୍ତି । ଏହି ୩ ଟି ବ୍ଲକରେ ବିଦ୍ୟାଳୟକୁ ସ୍କୁଲ ୟୁନିଫର୍ମ ଯୋଗାଇବା ପାଇଁ ଟେଲରିଂ ୟୁନିଟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ପୋଷାକ ଉତ୍ପାଦନ ୟୁନିଟ ଥିବା ଏମ୍‌ଏସ୍‌ଇ ଟେଣ୍ଡର ପକାଇଥିଲେ ମଧ୍ୟ କାହିଁକି ବିଳମ୍ବ ହେଉଛି ତାହା ଜଣାପଡୁନାହିଁ । ସରକାର ହାଉସ ଡ୍ରେସ ପାଇଁ ୫ଶହ ଟଙ୍କା ଓ ସ୍କୁଲ ୟୁନିଫର୍ମ ପାଇଁ ମଧ୍ୟ ୫ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି । ପିଲାଙ୍କ ସ୍କୁଲ ପୋଷାକ ପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସ୍କୁଲ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଠାଯାଇଛି । ଏହି ଅର୍ଥ ସ୍କୁଲ ଆକାଉଣ୍ଟର ଦୀର୍ଘ ମାସ ହେବ ପଡି ରହିଥିଲେ ହେଁ ବହୁ ଛାତ୍ରଛାତ୍ରୀ ସ୍କୁଲ ୟୁନିଫର୍ମ ପାଇ ପାରିନାହାଁନ୍ତି । ପୋଷାକ ବଂଟନ ପ୍ରକ୍ରୀୟା ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ନିର୍ଦ୍ଦେଶ ଦେଇଥିଲେ ହେଁ ୩ ମାସ ପରେ ମଧ୍ୟ କେନ୍ଦୁଝର ଜିଲାର ବହୁ ଛାତ୍ରଛାତ୍ରୀ ସ୍କୁଲ ପୋଷାକ ପାଇ ପାରିନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ବିଦ୍ୟାଳୟରେ ୨ ପ୍ରକାର ଡ୍ରେସ କୋଡ ବ୍ୟବହାର ହେଉଛି । ଗୋଟିଏ ପ୍ରକାର ପୋଷାକ(ସ୍କୁଲ ୟୁନିଫର୍ମ) ସପ୍ତାହର ୫ ଦିନ ପିନ୍ଧି ଆସନ୍ତି । ଶନିବାର ପୋଷାକକୁ ହାଉସ ଡ୍ରେସ ଭାବେ ନାମିତ କରାଯାଇଛି । ଏହି ହାଉସ ଡ୍ରେସକୁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି । ହେଲେ ଏହି ଅର୍ଥ ବ୍ଲକ ଶିକ୍ଷା ଅଧିକାରୀମାନେ ସବୁ ବିଦ୍ୟାଳୟର ସ୍କୁଲ ଆକାଉଣ୍ଟକୁ ଦେଇନଥିବାରୁ ପ୍ରଧାନ ଶିକ୍ଷକ ମାନେ ହାଉସ ଡ୍ରେସ ବାଣ୍ଟି ନଥିବା ମଧ୍ୟ ଅଭିଯୋଗ ହେଉଛି । ତେବେ ଏନେଇ ଜିଲାପାଳ ତଥା ସମଗ୍ର ଶିକ୍ଷା ଅଭିଯାନର ଅଧ୍ୟକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ରହି ଯାଇଥିବା ତିନୋଟି ବ୍ଲକର ଛାତ୍ରଛାତ୍ରୀଙ୍କୁ ଖୁବ ଶୀଘ୍ର ପୋଷାକ ବଣ୍ଟନ କରାଯିବ ବୋଲି କହିଛନ୍ତି।

## ଭାଲୁ ଆକ୍ରମଣରେ ବାଳିକା ଗୁରୁତର

କରଞ୍ଜିଆ,୦୫/୧୧ (ମହାଭାରତ) କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅନ୍ତର୍ଗତ ଭାଲିଆଡାଳ ଗ୍ରାମପଞ୍ଚାୟତ ଜାମୁବଣି ଗ୍ରାମରେ ବୁଧବାର ବିଲରେ ଧାନ ଜଗିଥିବା ଜଣେ ୧୨ ବର୍ଷର ବାଳିକା କୁ ଭାଲୁ ଆକ୍ରମଣ କରି ଗୁରୁତର କରିଦେଇଛି ।ଗୁରୁତର ନାବାଳିକା ଜଣକ ସେହି ଗ୍ରାମର ଲକ୍ଷ୍ମଣ ବାଙ୍କିରା ଙ୍କ ଝିଅ ପାଙ୍ଗିଲା ବୋଲି ଜଣାପଡିଛି ।ସୂଚନା ଅନୁଯାୟୀ ବିଦ୍ୟାଳୟ ଛୁଟି ଥିବାରୁ ବାପାଙ୍କ ସହିତ ପାଙ୍ଗିଲା ତାଙ୍କ ଧାନ ବିଲକୁ ଯାଇଥିଲା ।ବିଲରେ ଧାନ କଟା ଯାଉଥିବାରୁ ପାଙ୍ଗିଲା ର ମା ଓ ବାପା ଝିଅ ପାଙ୍ଗିଲା ସହିତ ଅନ୍ୟ କେତେଜଣ ସାଙ୍ଗ କୁ ବିଲରେ ଜଗାଇ କଟା ଯାଇଥିବା ଧାନ ବିଡ଼ା ଗୁଡିକୁ ଘରକୁ ବୋହୁଥିଲେ ।ବାପା ମା ଧାନ ବିଡ଼ା ବୋହି ଘରକୁ ଯାଇଥିବା ବେଳେ ଜଙ୍ଗଲ ଭିତରୁ ୨ ଟି ଭାଲୁ ଆସି ଥିବା ବେଳେ ସେଥିରୁ ଗୋଟିଏ ଭାଲୁ ପାଙ୍ଗିଲା କୁ ଆକ୍ରମଣ କରିବାରୁ ଅନ୍ୟ ସାଙ୍ଗ ମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲେ।

# ଉତ୍କଳୀୟ ନୌବାଣିଜ୍ୟ ଐତିହ୍ୟକୁ ମନେ ପକାଇଲା ବୋଇତବନ୍ଦାଣ

କାକଟପୁର, (ମହାଭାରତ) : ଆମ ଉତ୍କଳୀୟ ନୌ ବାଣିଜ୍ୟ ପରମ୍ପରା କୁ ଉଜ୍ଜୀବିତ କରିବା ପାଇଁ କାକଟପୁର ଓ ଅସ୍ତରଙ୍ଗ ର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ମହା ଆଡମ୍ବର ରେ ଅନୁଷ୍ଠିତ ହୋଇଛି। ଅସ୍ତରଙ୍ଗ ଦେବୀ ନଦୀ ତାଳଦା ଘାଟ ରେ ଚଳିତ ବର୍ଷ ଦୁଇ ଜିଲ୍ଲା ଜଗତସିଂହପୁର ତରାସାହି ଓ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଆନୁକୂଲ୍ୟରେ ରେ ଦ୍ୱିତୀୟ ବର୍ଷ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ରେ ସମାଜ ସେବୀ ପ୍ରତାପ ଚନ୍ଦ୍ର ପରିଡା ଯୋଗ ଦେଇ ଉଦ୍ଘାଟନ କରିବା ପରେ ପାରମ୍ପରିକ ବେଶ ଭୂଷଣ ରେ ସୁ ସଜ୍ଜିତ ସାତ ସାଧବାଣୀ ମାନେ ସାଧବ ପୁଅ ମାନଙ୍କୁ ପୂଜାର୍ଚ୍ଚନା କରି ବନ୍ଦାପନା କରିବା ପରେ ବ୍ରାହ୍ମଣ ମାନଙ୍କ ଦ୍ୱାରା ବୋଇତ ମଙ୍ଗ ରେ ମା ମଙ୍ଗଳା ଙ୍କୁ ଆରାଧନା କରାଯାଇ ବୋଇତ ଓ ସାଗର ଆଳତୀ



ଅନୁଷ୍ଠିତ ହୋଇଛି। ସାଧବ ପୁଅ ମାନେ ମେଲାଣି ନେଇ ବାଣିଜ୍ୟ କାରବାର ରେ ବାହାରିଛନ୍ତି। ତାଳଦା ଘାଟ ରେ ବିଜୁ ସେତୁ ଯୋଗାଯୋଗ ହେବା ପରେ ଉଭୟ ଜିଲ୍ଲା ରୁ ପାଖାପାଖି ୫୦ ହଜାର ଲୋକ ଙ୍କ ସମାଗମ ହୋଇଥିଲା ବୋଲି ଅନୁମାନ କରାଯାଇଛି। ସରପଞ୍ଚ ଦୀପକ ପରିଡ଼ା, ସମିତି ସଭ୍ୟ ଓ ସମାଜସେବୀ ପ୍ରଫୁଲ୍ଲ ସେନାପତି, ତରାସାହି ର ଜନ ପ୍ରତିନିଧି, ତାଳଦା ପଞ୍ଚାୟତ ଯୁବକ ବନ୍ଧୁ ସମସ୍ତେ ଏକାଠି ହୋଇ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ଦର୍ଶକ ମାନେ ପାଇଁ ଘୋଡା ନାଚ, ମିନା ବଜାର ଓ ସନ୍ଧ୍ୟା ରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ର ଭରପୁର ଆନନ୍ଦ ଉଠାଇ ଛନ୍ତି। ସେହିପରି ଦେଉଳି ମଠ ରେ ମଧ୍ୟ ଦେଉଳି ମଠ ପରିଷଦ ତରଫରୁ ଆଧାତ୍ମିକ ପରିବେଶ ଭିତରେ ବୋଇତ ବନ୍ଦାଣ କରାଯାଇଛି ।

## କୁମାର ଗୁଡା ବୁଢ଼ାରଜା ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

ଲାଞ୍ଜିଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ କୁମାରଗୁଡା ଠାରେ ବୁଢ଼ାରଜା ବାର୍ଷିକ ମହୋତ୍ସବ ପାଇଁ ବୁଢ଼ାରଜା ୟୁଥକ୍ଲବ ସଭାପତି ରାମଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୁଢ଼ାରଜା ମହୋତ୍ସବ ୭ ଦିନ ଧରି ହେବାକୁ ଥିବା ବେଳେ ପ୍ରଥମ ଦିନରେ ଭବ୍ୟ କଳସ ଶୋଭାଯାତ୍ରା ପ୍ରତିବର୍ଷ ଭଳି ମିନାବଜାର, ଅରକେଷ୍ଟା, ରେକରଡ୍ୟାନ୍ସ, ଲୋକନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆଲୋଚନା ହୋଇଥିବା ବେଳେ ପରବର୍ତ୍ତୀ ବୈଠକରେ ଉତ୍ସବ ତାରିଖ ଧାର୍ଯ୍ୟକରାଯିବ ବୋଲି ବୁଢାରଜା କ୍ଲବ ପକ୍ଷରୁ ସୂଚନା ମିଳିଛି କ୍ଷ ପ୍ରତ୍ୟେକ ବର୍ଷ ବୁଢାରଜା ମହୋତ୍ସବ ଯାତ୍ରା ପଡିଆ ଜନସମୁଦ୍ର ପାଲଟୁ ଥିବାବେଳେ ଏହାକୁ ଦୃଷ୍ଟିରେରଖି ଏକ ଶାନ୍ତି କମିଟି ଗଠନ କରାଯାଇଥିଲା । ଦର୍ଶକ ମାନଙ୍କ ଶୃଙ୍ଖଳିତ ପାଇଁ ବ୍ୟାପକ ଭାବରେ ବନ୍ଦବସ୍ତ କରାଯିବ ସହିତ କେମିତି ଉତ୍ସବ ସୁରୁଖୁରୁରେ ଶେଷହେବ ଓ ଦର୍ଶକ ମାନେ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା । ଏହି ବର୍ଷକୁ ଯୋଡ଼ିଲେ କୁମାର ଗୁଡା ବୁଢ଼ାରଜା ମହୋତ୍ସବ ୧୪ ବର୍ଷରେ ପଦାର୍ପଣ କରିବ ବୋଲି ବୁଢ଼ାରାଜ ସଂସ୍କୃତି ଅନୁଷ୍ଠାନ ୟୁଥକ୍ଲବ ପକ୍ଷରୁ ସୂଚନା ମିଳିଛି । ଉକ୍ତ ବୈଠକରେ ଉପସଭାପତି ହରିଚନ୍ଦ୍ର ସାହୁ,ସମ୍ପାଦକ ଈଶ୍ୱର ବାଗ,ସହସମ୍ପାଦକ ସୁମନ୍ତ ନାଏକ,ପ୍ରୋଗ୍ରାମ ମେନେଜର ବିସ୍ମ ମାଝୀ,ପ୍ରୋଗ୍ରାମ ଡିଜାଇନର ଧନିଆଁ ନାଏକ, ରାମତୁ ମାଝୀ, କୋକିଳ ନାଏକ, ଶିବରାମ ନାଏକ,ରବୀନ୍ଦ୍ର ନାଏକ,ରମେଶ ନାଏକ,ରାଜେଶ ନାଏକ,ଦୟା ରାମ ସାହୁ,ଗିରି ଲାଲସି,ଆମର ଲାଲସି,ରାମଚନ୍ଦ୍ର ମୁଣ୍ଡଛିନା, ସୁବାସ ନାଏକ, ସୁଶାନ୍ତ ନାଏକ ସାମ୍ବାଦିକ ତୁଳସୀ ରାମ ପ୍ରଧାନୀ ସମେତ ବୁଢ଼ାରଜା ୟୁଥ କ୍ଲବର ସମସ୍ତ କର୍ମ କର୍ତ୍ତା ଉପସ୍ଥିତ ଥିଲେ ।

# ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସାମ୍ବାଦିକ ସମ୍ମିଳନୀ

ଏରସମା, (ମହାଭାରତ): ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀ ଡାକି ଶାସକ ଦଳ ବିକାଶରେ ବାଧକ ବୋଲି କହିଛନ୍ତି। ତାଙ୍କ କହିବା ମୁତାବକ ବିଜେପି ସରକାର ଆସିବା ପରେ ଏରସମାରେ କୌଣସି ଆଖି ଦୃଷ୍ଟିଆ କାମ ହୋଇନି। ଖାଲି ଭାଷଣ ବାଜି, ଖାଦ୍ୟ ସୁରକ୍ଷା ଯୋଜନାରେ ହଜାର ହଜାର ବ୍ୟକ୍ତିଙ୍କ ନାମ ବାଦ ପଡିଥିବା ବେଳେ, ମୋ ଆବାସ ଯୋଜନାରେ ଖଣ୍ଡିଏ ଇଟା କାର୍ଯ୍ୟ ହୋଇନାହିଁ। କେତେକ ଗାଁ କୁ ନିହାତି ଆବଶ୍ୟକ ରାସ୍ତା ଖଣ୍ଡିଏ ଦରକାର ଥିବାବେଳେ ମାଟି ମୁଠାଏ ପଡୁ ନାହିଁ। ଯେଉଁଟି କାମ ଆରମ୍ଭ ହେଉଛି ଡବଲ ଫଳକ ଲାଗୁଛି। ରାଜ ନୀତିର ଆକ୍ରୋଶ ମୂଳକ ଭାବରେ କାର୍ଯ୍ୟାଦେଶ ବଣ୍ଟନରେ ପାତର ଅନ୍ତର କରାଯାଉଛି। ଗାଁର ଉନ୍ନତି ମୂଳକ କାମ ନ ହେବାରୁ ପ୍ରତିଦିନ ବ୍ଲକ କାର୍ଯ୍ୟାଳୟରେ ଲୋକମାନେ ଅଭିଯୋଗ କରୁଛନ୍ତି। ସାଇଟ ଖରାପ କହି ଲୋକମାନଙ୍କୁ ବାରମ୍ବାର ଫେରାଇ ଦିଆ ଯାଉଛି। ଏହା ଏକ ଦୁଃଖର ବିଷୟ କାହା ଇଙ୍ଗିତରେ ଏପରି କାର୍ଯ୍ୟ ହେଉଛି ତାହା ଜଣା ପଡୁନି। ଶ୍ରୀମତୀ ଅଧ୍ୟକ୍ଷା ଆହୁରି ଅନେକ କଥା କହି ସରକାରଙ୍କୁ ଦୋଷାରୋପ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ, ଭାଇସ ଚେୟାରମ୍ୟାନ ବିକାଶ ପରିଡା, ସମୀର ରଞ୍ଜନ ସ୍ୱାଇଁ, ଜପା ସରପଞ୍ଚ ପ୍ରତିନିଧି ନିଶାକର ରାଉତ, ବାଲିକୁଦା ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥୀ ରାଉତ, ପଲ୍ଲୀକାଣ୍ଡା ସମିତି ସଭ୍ୟା ସନ୍ଧ୍ୟା ରାଣୀ କୁଅଁର, ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର, ନୂଆଡ଼ିହ ସରପଞ୍ଚ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଚାନ୍ଦବାଲି-ଧାମରା ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ଚାନ୍ଦବାଲିରୁ ଧାମରା ନୌଯାତ୍ରା କଲେ ସାତ ସାଧବ



ଚାନ୍ଦବାଲି, (ମହାଭାରତ) : ଐତିହାସିକ ବନ୍ଦର ନଗରୀ ଚାନ୍ଦବାଲିରେ ନୌବାଣିଜ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତି ବର୍ଷ ପରି ଏବର୍ଷ ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଚାନ୍ଦବାଲି - ଧାମରା ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ସଭାପତି ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଚାନ୍ଦବାଲିରୁ ବୁଧବାର ସକାଳେ ସାତ ସାଧବ ମା' କାଳୀଙ୍କ ଦର୍ଶନ କରି ସେଠାରୁ ବିଭିନ୍ନ ବାଦ୍ୟ, ବାଣରୋଷଣି, ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ଏକ ଶୋଭାଯାତ୍ରାରେ ଚାନ୍ଦବାଲି ବଜାର ପରିକ୍ରମା କରି ବୈତରଣୀ ଘାଟରେ ପହଞ୍ଚିଥିଲେ। ପରେ ଏକ ସୁସଜିତ ବୋଇତ ରେ ଧାମରା ଯାତ୍ରା କରିଥିଲେ । ଏହି ଅବସରରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି? ଭାବେ ଯୋଗଦେଇଥିଲେ। ଚାନ୍ଦବାଲିରୁ ଧାମରା ଅଭିମୁଖେ ଯାଇଥିବା ସପ୍ତ ସାଧବଙ୍କ ମଧ୍ୟରେ ଅଭୟ ସାମଲ,ଗଙ୍ଗାଧର ମହାନ୍ତି, ମନରଞ୍ଜନ ଖୁଣ୍ଟିଆ,ପ୍ରଶାନ୍ତ ମାଝୀ,ବିକାଶ ବେହେରା, ବିଶ୍ୱଜିତ ବିଶ୍ୱାଳ,ପ୍ରଶାନ୍ତ ଦାସ ଏବଂ ତଅପୋଇ ଭାବେ ବେ ଗାୟତ୍ରୀ ସାହୁ ଧାମରା ଅଭିମୁଖେ ବାହାରି ଥିଲେ । ଅନ୍ୟମାନ ମାନଙ୍କ ମଧ୍ୟରେ ଚାନ୍ଦବାଲି- ଧାମରା ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କମିଟି ସଭାପତି ଉପେନ୍ଦ୍ର ରାଉଳ, ଭଗବାନ ପଣ୍ଡା,ସବ୍ୟସାଚୀ ମହାନ୍ତି, ଜଗନ୍ନାଥ ରାଉତ, କମଳା ସୁତାର,ଅଶୋକ ରାଉଳ, ଦିଲ୍ଲୀପ ରାଉତ,ବିଜୟ ବେହେରା,ସୁଶାନ୍ତ ପୁହାଣ, ପୂର୍ଣ୍ଣ ପାଣି ଚନ୍ଦନ ରାଉତ, କାନ୍ହୁ ବେହେରା, ଦେବୁଲା ମହାନ୍ତି, ମୀନକେତନ ବିଶ୍ୱାଳଙ୍କ ସହ ଏହି ବୋଇତ ବନ୍ଦାଣ ଉତ୍ସବକୁ ଦେଖୁବା ପାଇଁ ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ଲୋକଙ୍କର ଭିଡ଼ ଦେଖିବାକୁ ମିଳିଥିଲା।

# ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବଳଦେବଜୀଉ ରାସ ମନ୍ଦୀର ସମେତ ବିଭିନ୍ନ ଦେବାଳୟମାନଙ୍କରେ ଭକ୍ତଙ୍କ ଭିଡ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲାର ବିଭିନ୍ନ ଦେବାଳୟଗୁଡିକରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ରାହାସ ପୂର୍ଣ୍ଣିମା ଅବସରରେ ବହୁ ସଂଖ୍ୟାରେ ଭକ୍ତଙ୍କର ଭିଡ ପରିଲକ୍ଷିତ ହୋଇଥିଲା । ଆଧ୍ୟାତ୍ମିକ ପରିବେଶରେ ବିଭିନ୍ନ ମନ୍ଦିରଗୁଡିକ ଉଛୁଳି ପଡୁଥିବାବେଳେ କାର୍ତ୍ତିକ ପୂର୍ଣ୍ଣିମା ସକାଳୁ ବହୁ ସଂଖ୍ୟାରେ ମହିଳା ଭକ୍ତ ପୋଖରୀ,ନଦୀ ଓ ନାଳମାନଙ୍କରେ ବୁଡ ପକାଇ ଆ-କା-ମା-ବୈ, ପାନଗୁଆ ଥୋଇ, ପାନଗୁଆ ତୋର ମାସକ ଧରମ ମୋର କହି ନୌକା ଏବଂ ବିଭିନ୍ନ ର ଙ୍ଗ ବେ ର ଙ୍ଗ ର ଚୌପତୀମାନଙ୍କରେ ଦୀପ ଲଗାଇ ପାଣିରେ ଭସାଉଥିବା ଦେଖା ଯାଇଥିଲା । ଉତ୍କଳୀୟ ନୌବାଣିଜ୍ୟର ପରମ୍ପରାକୁ ସ୍ମରଣ କରିବାକୁ ଯାଇ ଏହି ପବିତ୍ର ତିଥିରେ ବୋଇତ ବନ୍ଦାଣ କରାଯାଉଥିବାବେଳେ କେନ୍ଦୁଝର ସହରର ଶ୍ରୀ ଶ୍ରୀ ବଳଦେବଜୀଉ



ମନ୍ଦିର, ଶ୍ରୀ ଶ୍ରୀ ରାଧାରମଣଜୀଉ ମନ୍ଦିର, ରାହାସ ମନ୍ଦୀର, ସିଦ୍ଧମଠ, ଗଡତାରିଣୀ ମନ୍ଦିର, ରାମ ମନ୍ଦିର, କଲେଜ ରୋଡରେ ଥିବା ରାମେଶ୍ୱର ମନ୍ଦିରମାନଙ୍କରେ ବହୁ ସଂଖ୍ୟାରେ ଭକ୍ତଙ୍କର ସମାଗମ ହୋଇଥିଲା । ହଜାର ହଜାର ଭକ୍ତ ବଳଦେବଜୀଉ ମନ୍ଦିରରେ ଶ୍ରୀଜୀଉଙ୍କ ସମେତ ମନ୍ଦୀର ବେଢାରେ ଥିବା ବିଭିନ୍ନ ଦେବାଦେବୀଙ୍କୁ ଦର୍ଶନ କରିଥିବାବେଳେ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ପ୍ରଶାସନ ତରଫରୁ ବାରିକେଡର ବ୍ୟବସ୍ଥା କରାଯାଇଥିଲା । ସାରା ବଡଦାଣ୍ଡ କୋଳାହଳମୟ ରହିଥିବାବେଳେ ଗଡ ତାରିଣୀ ମନ୍ଦୀର,ସିଦ୍ଧମଠରେ ଭକ୍ତଙ୍କର ବିଶେଷ ସମାଗମ ହୋଇଥିଲା । ବୁଧବାର କାର୍ତ୍ତିକ ବ୍ରତର ଶେଷ ଦିନ ଥିବାରୁ ଜିଲାର ସମସ୍ତ ଅଞ୍ଚଳର ଦେବାଳୟ ଗୁଡିକରେ ମହିଳାଙ୍କ ଭିଡ ହୋଇଥିଲା । କେତେକ ଦେବାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହା ସହିତ ଶ୍ରୀଜୀଉଙ୍କର ପ୍ରସାଦ ଭକ୍ତମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇଥିଲା । ବିଗତବର୍ଷମାନଙ୍କ ପରି ଚଳିତବର୍ଷ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ସମିତି ପକ୍ଷରୁ ରାଜ୍ୟସ୍ତରୀୟ କଳାକାରମାନଙ୍କୁ ନେଇ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କେନ୍ଦୁଝର ରାହାସ ମନ୍ଦିରଠାରେ ରାସପୂର୍ଣ୍ଣିମା ଅବସରରେ ଦିବସବ୍ୟାପୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଡଓଷା ପରେ ରାଧା କୃଷ୍ଣଙ୍କୁ ଦର୍ଶନ କଲେ ପୂଣ୍ୟ ମିଳୁଥିବାରୁ ବଡଓଷା ବ୍ରତ କରୁଥିବା ଶ୍ରଦ୍ଧାଳୁ ସକାଳୁ ସକାଳୁ ସହରର ରାସ ମନ୍ଦୀରରେ ଭିଡ ଜମାଇଥିଲେ । ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦୀର ପ୍ରଶାସନ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥାରେ ଦର୍ଶନ ବ୍ୟବସ୍ଥା କରିଥିଲେ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ଗାଡିମୋଟର ଚଳାଚଳ ଏବଂ ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବାକୁ ବ୍ୟବସ୍ଥା ହୋଇଥିଲା ।

## ମହିଳା ଭୋଟରଙ୍କୁ ଶାଢୀ ବାଣ୍ଟି ଓ ଶିଶୁଙ୍କୁ ପ୍ରଚାରରେ ନିୟୋଜିତ କରି ବିଜେପି ଆଚରଣ ବିଧି ଉଲ୍ଲଂଘନ କରିଛି: ବିଜେଡି

ନୂଆପଡା:(ମହାଭାରତ): ନୂଆପଡା ଉପର୍ନିବାଚନରେ ଶାସକ ବିଜେପି ଦଳ ର୍ନିବାଚନ ପ୍ରଚାରରେ ଶିଶୁମାନଙ୍କୁ ନିୟୋଜିତ କରିବା ଓ ମହିଳା ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାଢୀ ବାଣ୍ଟିବା ଯାହା ର୍ନିବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ କରୁଛି ବୋଲି ବିଜେଡିର ଆଜି ଏକ ପ୍ରତିନିଧି ଦଳ ରାଜ୍ୟ ର୍ନିବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଦଳର ମୁଖପାତ୍ର ତଥା ଗଣମାଧମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ର୍ନିବାଚନ ଅଧିକାରୀଙ୍କୁ ଭେଟିଥିଲେ । ଶିଶୁମାନଙ୍କୁ କିଭଳି ଭାବରେ ର୍ନିବାଚନ ପ୍ରଚାରରେ ନିୟୋଜିତ କରାଯାଇଛି, ତାହା ସଂପର୍କିତ ତଥ୍ୟ ପ୍ରମାଣ ଯଥା ଭିଡିଓ, ଫଟୋ ସହ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ନୂଆପଡା ବ୍ଲକ ଅନ୍ତର୍ଗତ ଖୁଟାବନ ଭେରା ଗ୍ରାମପଞ୍ଚାୟତରେ ବିଜେପିର ର୍ନିବାଚନ ପ୍ରଚାର ବେଳେ ଶିଶୁମାନଙ୍କୁ ବିଜେପି ପତାକା ଧରି ଜୟ ଢୋଲକିଆଙ୍କ ସପକ୍ଷରେ ନାରା ଦେଉଥିଲେ ।ଏହା ଭାରତୀୟ ର୍ନିବାଚନ ଆୟୋଗର ର୍ନିବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଛି । ର୍ନିବାଚନରେ ଶିଶୁମାନଙ୍କୁ ବ୍ୟବହାର କରିବା ଶିଶୁ ଶ୍ରମିକ ବିରୋଧୀ ଆଇନ-୨୦୧୬ର ଖୋଲା ଉଲ୍ଲଂଘନ କରୁଛି । ମହିଳା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଶାଢୀ ଓ ଟଙ୍କା ପ୍ରଶାସନର ସହଯୋଗରେ ବିଜେପିର ମହିଳା କର୍ମକର୍ତ୍ତାମାନେ ଖୋଲାଖୋଲି ବାଣ୍ଟୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ତେଣୁ ମୁକ୍ତ ଓ ଅବାଧ ର୍ନିବାଚନ ନିମନ୍ତେ ରାଜ୍ୟ ର୍ନିବାଚନ ଅଧିକାରୀ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେଡି ପ୍ରତିନିଧି ମଣ୍ଡଳୀ ଦାବି ପତ୍ର ପ୍ରଦାନ କରିଥିଲେ। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ସଂଗ୍ରାମ ମହାପାତ୍ର, ରୀତାଞ୍ଜଳୀ ପ୍ରଧାନ, ଜ୍ୟୋସ୍ନା ପରିଡା, ସିଦ୍ଧାର୍ଥ ସାମଲ, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ସଚେତନତା ସତ୍ତ୍ୱେ ବଢୁନି କନ୍ୟା ହାର

## ୯ ମାସରେ ଦଶପଲ୍ଲାରେ ସର୍ବାଧିକ, ଗଣିଆରେ ସବୁଠୁ କମ୍ ଝିଅ ଜନ୍ମ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସମ୍ପର୍କରେ ଆଲୋଚନା କରିବା ମାତ୍ରେ ହିଁ କନ୍ୟା ଭ୍ରୁଣହତ୍ୟା କଥା ଆପଣାଛାଏଁ ସମସ୍ତଙ୍କ ମନକୁ ଆସିଯାଏ। ଏଥି ସହ ତାଳ ଦେଇ ରାଜ୍ୟର କେତୋଟି ହାତଗଣତି ଜିଲ୍ଲା ମଧ୍ୟରେ ପୁଅ ମାନଙ୍କ ତୁଳନାରେ ଝିଅ ମାନଙ୍କ ସଂଖ୍ୟା ବେଶ୍ କମ୍ ରହିଥିବା ମଧ ଦେଖିବାକୁ ମିଳୁଛି। ଗତ ବର୍ଷ ଏହି ସଂଖ୍ୟାରେ ସାମାନ୍ୟ ସୁଧାର ଆସିଥିବା ବେଳେ ବର୍ତ୍ତମାନର ୯ ମାସରେ ଜନ୍ମ ନେଇଥିବା ପୁଅ ଓ ଝିଅ ମାନଙ୍କ ସଂଖ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ଚଳିତ ବର୍ଷ ଜାନୁଆରିରୁ ସେପ୍ଟେମ୍ବର ମାସ ମଧ୍ୟରେ ମୋଟ୍ ୩୦୪୦ ଜଣ ଝିଅ ଓ ୩୭୨୨ ଜଣ ପୁଅ ଜନ୍ମ ନେଇଛନ୍ତି ।ଯାହାକି ବର୍ତ୍ତମାନ ଲିଙ୍ଗ ଅନୁପାତ ୧୦୦୦ ପୁଅରେ ୮୧୭ ଜଣ ଝିଅ ରହିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଏହା ସହ ଦଶପଲ୍ଲା ବ୍ଲକ୍ରେ ସବୁଠୁ ଅଧିକ ଓ ଗଣିଆ ବ୍ଲକ୍ରେ ସବୁଠୁ କମ୍ ଝିଅ ଜନ୍ମ ନେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଏହି ନଅ ମାସ ମଧ୍ୟରେ ଭାପୁର ବ୍ଲକ୍ରେ ୧୭୪ ଜଣ ପୁଅ ଓ ୧୩୮ ଜଣ ଝିଅ, ଦଶପଲ୍ଲାରେ ୨୨୩ ଜଣ ପୁଅ ଓ ୨୨୫ ଜଣ ଝିଅ, ଗଣିଆରେ ୬୯ ଜଣ ପୁଅ ଓ ୪୮ ଜଣ ଝିଅ, ଖଣ୍ଡପଡ଼ାରେ ୨୯୨ ଜଣ ପୁଅ ଓ ୨୩୬ ଜଣ ଝିଅ, ନୟାଗଡ଼ରେ ୨୧୮୦ ଜଣ ପୁଅ ଓ ୧୭୬୪ ଜଣ ଝିଅ, ନୂଆଗାଁରେ ୧୧୬ ଜଣ ପୁଅ ଓ ୯୪ ଜଣ ଝିଅ, ଓଡ଼ଗାଁରେ ୧୯୬



ଜଣ ପୁଅ ଓ ୧୪୫ ଜଣ ଝିଅ ଓ ରଣପୁରରେ ୪୭୨ ଜଣ ପୁଅ ଓ ୩୯୦ ଜଣ ଝିଅ ଜନ୍ମ ଗ୍ରହଣ କରିଛନ୍ତି ।୨୦୨୩-୨୪ରେ ଜିଲ୍ଲାର ଲିଙ୍ଗ ଅନୁପାତ ଥିଲା ହଜାରେ ପୁଅକୁ ୮୬୮ ଝିଅ। ୨୦୨୪-୨୫ରେ ଏହି ସଂଖ୍ୟା ଆହୁରି ହ୍ରାସ ପାଇ ଝିଅଙ୍କ ସଂଖ୍ୟା ୮୩୮ରେ ପହଞ୍ଚିଲା। ବର୍ତ୍ତମାନ ଏହି ସଂଖ୍ୟାରେ ଆହୁରି ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଦଶପଲ୍ଲା ଭଳି ଆଦିବାସୀ ଅଧ୍ୟୁଷିତ ଅ□ଳରେ ଝିଅଙ୍କ ସଂଖ୍ୟା ବଢ଼ିଥିବା ବେଳେ ଜିଲ୍ଲା ମୁଖ୍ୟାଳୟ ନୟାଗଡ଼ରେ ଝିଅ ମାନଙ୍କ ସଂଖ୍ୟାରେ ସେତେଟା ଉତ୍ସାହଜନକ ମନେ ହୁଏ ନାହିଁ। ଜିଲ୍ଲା ମୁଖ୍ୟାଳୟରେ ଥିବା ଅଲଟ୍ରାସାଉଣ୍ଡ କରାଯାଉଥିବା ସମସ୍ତ କ୍ଲିନିକ୍ ରେ ରିତିମତ ଚଢ଼ଉ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ତଥାପି ଲୁଚଛପାରେ ଏବେ ବି କ୍ଲିନିକ୍ ଗୁଡ଼ିକରେ ବେଆଇନ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହୋଇଛି। ଦିଶା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ଦାସ ଦେଇଥିବା ସୂଚନା ମୁତାବକ, ଚଳିତ ଆର୍ଥିକ ବର୍ଷ ଶେଷ ହେବା ପାଇଁ ଆହୁରି ସମୟ ବାକି ଅଛି ଏଣୁ ବର୍ତ୍ତମାନ ଯେଉଁ ଅନୁପାତ ରହିଛି। ତାହା ବଜାୟ ରହିବ ବୋଲି ସେମିତି କୌଣସି ସମ୍ଭାବନା ନାହିଁ। ମେ ମାସ ସୁଦ୍ଧା ଅଧିକ ଝିଅ ଜନ୍ମ ନେଇଥିଲେ। ସେତେବେଳେ ଲିଙ୍ଗ ଅନୁପାତରେ ଝିଅ ମାନଙ୍କ ସଂଖ୍ୟା ୯୦୩ ଥିଲାୟ କିନ୍ତୁ ଏହି ସଂଖ୍ୟା ହ୍ରାସ ପାଇଥିବା ଦେଖାଯାଉଛି। ଆର୍ଥିକ ବର୍ଷ ଶେଷ ଆଡ଼କୁ ଯଦି ଝିଅ ମାନଙ୍କ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିଲେ ନୟାଗଡ଼ ସାରା ରାଜ୍ୟ ପାଇଁ ଏକ ଉଦାହରଣ ପାଲଟିବା ସରକାରଙ୍କ 'ବେଟି ବଚାଓ ବେଟି ପଢ଼ାଓ' ସହ ଏକାଧିକ ଯୋଜନାକୁ ଭଲ ଭାବେ କାର୍ଯ୍ୟକାରୀ କରାଇବା ପାଇଁ ପଦକ୍ଷେପ ନିଆଯାଉଛି।

## ପିର ବାବାଙ୍କ ସ୍ୱତନ୍ତ୍ର ପୂଜା, ଚଢ଼ିଲା ଚାଦର ଲାଗିଲା ପତାକା



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ବଙ୍ଗୋପ ସାଗର ଉପକୂଳ ରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି ବାବା ର୍ପି, ଏହା ହେଉଛି ଏଭଳି ଏକ ସ୍ଥାନ ଯେଉଁଠି ହିନ୍ଦୁ ମୁସଲମାନ ଉଭୟ ସମ୍ପ୍ରଦାୟ ର ଭକ୍ତମାନେ ଏକାକାର ହୁଅନ୍ତି, ଜାତି ଧର୍ମ ବର୍ଣ୍ଣ ର୍ନିବିଶେଷରେ ଏହି ବାବା ସମସ୍ତ ଙ୍କର ଆରାଧ, ବର୍ଷ ତମାମ ଏଠି ଭକ୍ତ ମାନଙ୍କ ସମାଗମ ହୁଏ ମାତ୍ର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ରେ ବାବା ଙ୍କ ନିକଟରେ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମେ, ଆଜିର ଦିନ ରେ ବାବା ଙ୍କ ନାମ ଅନୁସାରେ ପିର ଜାହାନିଆ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୁଏ, ମୁସଲମାନ ଭକ୍ତ ମାନେ ବାବା ଙ୍କ ନିକଟରେ ଚାଦର ଚଢେଇ ମାନସିକ କରି ନମାଜ ପାର୍ଥନା କରୁଥିବା ବେଳେ ହିନ୍ଦୁ ଭକ୍ତ ମାନେ ପତାକା ପୂଜା କରି ଦୀପ ଜାଳି ଗୁରୁ ବାବା ଙ୍କ ଉଦ୍ଦେଶ୍ୟ ରେ ପାର୍ଥନା କରୁଛନ୍ତି, ଭକ୍ତ ମାନେ ଶ୍ରଦ୍ଧା ରେ ବାବା ଙ୍କ ନିକଟରେ ଅନେକ ଭୋଗ ଧୂପ ଦୀପ ଦେଇ ଆଜି ନିଜ ନିଜ ମାନସିକ କରନ୍ତି ଆଉ ପୂରଣ ହେଲେ ଭୋଗ ଲାଗି କରନ୍ତି, ବିଶ୍ୱାସ ଅଛି ଯେ କୌଣସି ଭକ୍ତ ବାବା ଙ୍କ ନିକଟରେ ଆରୋଗ୍ୟ କାମନା କରେ ତାର ରୋଗ ମୁକ୍ତ ହୁଏ,ମିନା ବଜାର ସାଙ୍ଗକୁ ଦୋଳି ଖେଳ ଓ ଚଟପଟା ଖାଦ୍ୟ ମନମୋହୁଛି ଦର୍ଶକ ଙ୍କର,ସମୁଦ୍ର ବେଳା ଭୂମି ରେ ଗାଧେଇ ବା ସହ ମନୋରଞ୍ଜନ କରୁଛନ୍ତି ହଜାର ହଜାର ପର୍ଯ୍ୟଟକ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଖାଦ୍ୟ, ପାନୀୟ ଜଳ, ଯୋଗାଣ, ଅସ୍ତରଙ୍ଗ ର ପ୍ରଶାସନ ତରଫରୁ ପ୍ରାଥମିକ ଚିକିତ୍ସା ଅଗ୍ନିଶମ ସେବା ଯୋଗାଇ ଦିଆଯାଇଛି,ବର୍ଷକ ଭିତରେ ଆଜିର ଦିନ ରେ ଏହି ସ୍ଥାନ ରେ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ର ଏକ ସ୍ୱତନ୍ତ୍ରତା ଦୃଶ୍ୟ ମାନ ହୁଏ,ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବ୍ଲକ ଅଧକ୍ଷା ଆରତୀ ନାୟକ, ଉପାଧକ୍ଷ ଦୁର୍ଜ୍ଜୟ ମିଶ୍ର, ଛୁରିଆନା ସରପ□ କ୍ଷୀରୋଦ କାଣ୍ଡି, ଏକ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବିଡ଼ିଓ ସସ୍ମିତା ବେହେରା ପ୍ରମୁଖ ଯୋଗ ଦେଇ ସରକାରୀ କାର୍ଯ୍ୟକ୍ରମ ର ଉଦ୍ଘାଟନ କରିବା ସହ ବେଳାଭୂମି ମହୋତ୍ସବ ପରିଦର୍ଶନ କରିଛନ୍ତି, ହଜାର ହଜାର ଲୋକ ଙ୍କ ଭିଡ଼ କୁ ଆଖିରେ ଅସ୍ତରଙ୍ଗ ପୋଲିସ ତରଫରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି।

## ସହରରେ ବଢୁଛି ଚୋରି, ସିସିଟିଭିରେ କଏଦ ହେଲା ଚୋରର ଫଟୋ

କେନ୍ଦୁଝର,(ମହାଭାରତ): କେନ୍ଦୁଝର ସହରରେ କିଛି ଦିନ ହେବ ଚୋର ମାନଙ୍କର ପ୍ରାର୍ଦୁଭାବ ବୃଦ୍ଧି ପାଇବାରେ ଲାଗି ଥିବାରୁ ସହରବାସୀ ଚିନ୍ତାବ୍ୟକ୍ତ କରିଛନ୍ତି । ଗତକାଲି ରାତି ପ୍ରାୟ ୧ଟା ୩ ମିନିଟ୍ରେ ଧୋବାଡିଆ ସ୍ଥିତ ଡିଆର ମାର୍ଟ ସପିଙ୍ଗ ମଲରେ ଚୋର ପଶି ନଗଦ ଅର୍ଥ ଏବଂ ଗ୍ରୋସରୀ ସାମଗ୍ରୀ ଲୁଟି ନେଇଛନ୍ତି। ଡିଆର ମାର୍ଟ ପକ୍ଷରୁ ସ୍ନେହଲତା ସାହୁ ଟାଉନ ଥାନାରେ ଏତଲା ଦେବା ପରେ ଟାଉନ ପୋଲିସ କେସ ନମ୍ବର ୮୫୮/୨୦୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଡିଆର ମାର୍ଟ ପକ୍ଷରୁ ସିସିଟିଭି କ୍ୟାମେରାରେ ଉଠିଥିବା ଭିଡିଓ କ୍ଲିପ କୁ ପୋଲିସ କୁ ଦେଇ ଚୋରଙ୍କୁ ଧରିବାକୁ ଦାବୀ କରିଛନ୍ତି । ସେହିପରି ଟାଉନ ଥାନା ଅନ୍ତର୍ଗତ ସିଲୁଆଁ ବସନ୍ତପୁର ସାହିରେ ଘରେ କେହି ନଥିବାର ସୁଯୋଗ ନେଇ



ନରେନ୍ଦ୍ରନାଥ ନାୟକଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ନଗଦ ଅର୍ଥ ଲୁଟି ନେଇଛନ୍ତି । ଗତକାଲି ବଡ ଓଷା କରିବା ପାଇଁ ପରିବାର ଲୋକ ଗାଁ କୁ ଯାଇଥିଲେ । ଆଜି ସକାଳୁ ଗାଁ ରୁ ଫେରି ଘରର କବାଟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଏହା ପରେ ଘର ଭିତରେ ଥିବା ଆଲମାରୀ ଭାଙ୍ଗି ୨ଲକ୍ଷ ରୁ ଉର୍ଦ୍ଧ୍ୱର୍ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୪୦ହଜାର ଟଙ୍କା ଲୁଟ ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ନରେନ୍ଦ୍ରନାଥ ନାୟକ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ କେସ ନମ୍ବର ୮୫୭/୨୦୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି ।ସେହିପରି ଟାଉନ ର ବିଭିନ୍ନ ସ୍ଥାନରେ ନିୟମିତ ଛୋଟବଡ ଚୋରୀ ହେଉଥିଲେ ହେଁ ପୋଲିସ ନିକଟରେ ଅଭିଯୋଗ କରୁନାହାଁନ୍ତି । ଚୋରମାନେ ଶୀତର ପ୍ରକୋପ ର ସୁଯୋଗ ନେଇ ରାତି ଅଧରେ ଅବାଧରେ ଗଳି କନ୍ଦିରେ ବୁଲି ଛୋଟ ବଡ ଜିନିଷ ଚୋରୀ କରି ନେଉଥିବାରୁ ସହରବାସୀ ଭୟଭୀତ ହୋଇ ପଡିଛନ୍ତି ।ପୋଲିସ ପକ୍ଷରୁ ରାତିରେ ଠିକ୍ ଭାବରେ ସବୁ ଅଂଚଳରେ ପେଟ୍ରୋଲିଂ ହେଉନଥିବାରୁ ଚୋରୀ ବଢୁଛି ବୋଲି ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ପୋଲିସ ଅଭିଯୋଗ ପାଇବା ପରେ ଚୋର ଙ୍କୁ ଧରିବା ପାଇଁ ଫରେନସିକ୍ ଟିମ ଦ୍ୱାରା ତଦନ୍ତ କରାଯିବା ସହ ସିସିଟିଭି ଯାଂଚ କରି ଚୋରଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରୀ ରଖିଛି ।

## ନିଖୋଜ ନାବାଳକ ଉଦ୍ଧାର

ଦଶପଲ୍ଲା(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶିମିଳିସାହି ପଂଚାୟତ ଦେଢ଼ଶର ଗ୍ରାମର ସଞ୍ଜୟ ଦେହୁରୀ ଙ୍କ ପୁତ୍ର ସମୀର ଦେହୁରୀ ବୟସ ୧୩ ବର୍ଷ ରବିବାର ଦିନ ସକାଳୁ ନିଖୋଜ ଥିବା ଥାନାରେ ସମୀର ଙ୍କ ପିତା ଅଭିଯୋଗ କରିଥିଲେ। ସମୀର ରବିବାର ସକାଳ ୧୦ ଟା ରୁ ଘରୁ ବାହାରି ଦଶପଲ୍ଲା ଆସିଥିବା ଜଣାପଡିଥିଲା। ତେବେ ଦଶପଲ୍ଲା ଥାନା ଅଧିକାରୀ ବିନୟ କୁମାର ପରିଡା ଙ୍କ ନିର୍ଦ୍ଦେଶ କ୍ରମେ ମଧ୍ୟଖଣ୍ଡ ଫାଣ୍ଡି ଅଧିକାରୀ ବିଭୁ ଭୂଷଣ ସିଂ ଓ ଅନ୍ୟ ପୋଲିସ ଷ୍ଟାଫ ଙ୍କ ଉତ୍ତମ ପ୍ରୟାସ ଫଳରେ ପିଲାଟି ଠାବ ହୋଇ ଘର କୁ ଫେରିଛି। ସୂଚନା ଅନୁସାରେ ପିଲାଟିକୁ ଅନେକ ଜିଲ୍ଲା ଖବର ଦିଆଯିବା ପରେ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ରେଳ ବିଭାଗ ପୋଲିସ ଦ୍ୱାରା ଚିହ୍ନଟ କରାଯାଇଥିଲା ବୋଲି ଦଶପଲ୍ଲା ପୋଲିସ ପକ୍ଷରୁ କୁହାଯାଇଛି।

## ଇନ୍ଦ୍ରାବତୀ ଉତ୍ପତିସ୍ଥଳ ପର୍ଯ୍ୟଟନ ମହାଉତ୍ସବ

ଥୁଆମୂଳ ରାମପୁର, (ମହାଭାରତ) : କଳାହାଣ୍ଡି ଜିଲ୍ଲା,ଥୁଆମୂଳ ରାମପୁର ବ୍ଲକ ଅଧିନସ୍ଥ ଥୁଆମୂଳ ଗ୍ରାମ ପଞ୍ଚାୟତ ସ୍ଥିତ କଳାହାଣ୍ଡିର ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ର ଇନ୍ଦ୍ରାବତୀ ଉତ୍ପତିସ୍ଥଳ ମର୍ଦ୍ଦିଗୁଡା ଗ୍ରାମ ଠାରେ ପର୍ଯ୍ୟଟନ ମହାଉତ୍ସବ ସମାରୋହ ଶୁଭାରମ୍ଭ ହୋଇଯାଇଛି। ଯେଉଁ ଇନ୍ଦ୍ରାବତୀ ନଦୀ ଠାରୁ ଗଙ୍ଗା ଜମୁନା ସ୍ୱରସ୍ୱତୀ ର ତିନି ଅମୃତ ଧାରାରେ ଜଳ ପ୍ରକଟିତ ହୋଇ ମର୍ଦ୍ଦିଗୁଡା ଠାରୁ ଆରମ୍ଭ କରି ନାଗାବାଲି ପରି ଅନେକ ନଦୀରୁ ଜଳ ପ୍ରପାତ ହୋଇ ଏକ ବିରାଟ ଡେମ୍ ମୁଖିଗୁଡ଼ା ଠାରେ ଅବସ୍ଥିତ ହୋଇ ବିଜୁଳି ଉତ୍ପାଦନ ହୋଇ ରାଜ୍ୟ ବାହାରେ ବିକଶିତ ହୋଇଛି ତାହା କଳାହାଣ୍ଡି ପାଇଁ ଅତି ଗୌରବ ଏବଂ ଐତିହ୍ୟ ନିଶ୍ଚିତ କିନ୍ତୁ ସେହି ଡେମ୍ ଠାରୁ କଳାହାଣ୍ଡିରେ ଲକ୍ଷ୍ମୀ ଭଣ୍ଡାର କହାଯାଉଥିବା ଧାନଚାଷ ଓଡ଼ିଶାରେ ବେସ୍ ଚର୍ଚ୍ଚିତ ଏବଂ ବିକଶିତ ହେଲେ ଆଜି ମଧ୍ୟ ସେହି କାହାଣୀର ମୂଳପୀଠ ଇନ୍ଦ୍ରାବତୀ ଉତ୍ପତ୍ତିସ୍ଥଳ ଅବହେଳିତ



ଅବସ୍ଥାରେ ରହିଛି ଇନ୍ଦ୍ରାବତୀ ଉତ୍ପତ୍ତିସ୍ଥଳ ପର୍ଯ୍ୟଟନ ମାନ୍ୟତା ପାଇଛି ସତ କିନ୍ତ ସୌନ୍ଦର୍ଯ କରଣ ର ବିକାଶର ବାଟବଣାରେ ସୀମିତ ରହିଥିବାକୁ ଚାହିଁ ଲୋକଲୋଚନ କୁ ଆଣିବା ଉଦ୍ଦେଶ୍ୟରେ ସ୍ଥାନିୟ କମିଟି ମାଁ ଇନ୍ଦ୍ରାବତୀ ଯୁବକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପର୍ଯ୍ୟଟନ ମହାଉତ୍ସବ ଶୁଭାରମ୍ଭ ଉଦ୍ଘାଟନ କରାଯାଇଛି ।

## ଧାମରା-ଚାନ୍ଦବାଲିରେ ରାଜ୍ୟ ସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ-୨୦୨୫



ଚାନ୍ଦବାଲି, (ମହାଭାରତ): ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ଧାମରା ଠାରେ ଆଜି ଧାମରା-ଚାନ୍ଦବାଲି ବୋଇତ ବନ୍ଦାଣ କମିଟି ପକ୍ଷରୁ ଓଡ଼ିଶାର ଗୌରବମୟ ଐତିହ୍ୟ ଓ ସାଗରୀୟ ପରମ୍ପରାକୁ ସ୍ମରଣ କରାଉଥିବା ରାଜ୍ୟ ସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ - ୨୦୨୫ ଉଲ୍ଲାସପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଉତ୍ସବର ଉଦ୍ଘାଟନ କରିଥିଲେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ପ୍ରଖ୍ୟାତ ଧର୍ମଗୁରୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସୁପ୍ରସିଦ୍ଧ ଯାତ୍ରା କଳାକାର ପୀୟୂଷ ତ୍ରିପାଠୀ ଓ ବିଭିନ୍ନ ବୁଦ୍ଧିଜୀବୀ ଓ ଅତିଥି ବୃନ୍ଦୟଅତିଥିମାନେ ନିଜ ଅନୁଭବ ଓ ବକ୍ତବ୍ୟ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ସାଗରୀୟ ବ୍ୟାପାର ଓ ସାଂସ୍କୃତିକ ପରମ୍ପରାର ଗୌରବ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ, ବୋଇତ ବନ୍ଦାଣ କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଓଡ଼ିଆ ଜନଜୀବନ, ସମୃଦ୍ଧ ବାଣିଜ୍ୟ ପରମ୍ପରା ଓ ସାଗର ସଂସ୍କୃତିର ଜୀବନ୍ତ ସ୍ମୃତି।

## ଉଦଯାପିତ ହେଲା ନୟାଗଡ଼ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ

### ମୁଖ୍ୟ ଆକର୍ଷଣ ଓଡ଼ିଆ ସିନେ କଳାକାର ଶୀତଲ ପାତ୍ର

ନୟାଗଡ଼, ( ମହାଭାରତ ) : କଳିଙ୍ଗର ସମୃଦ୍ଧ ଇତିହାସ ଓ ନୌବାଣିଜ୍ୟ ପରମ୍ପରାର ଗୌରବମୟ ଗାଥାକୁ ମନେପକାଇ ନୟାଗଡ଼ ମଣ୍ଡାବାଗନ୍ ପଡିଆ ପରିସର ଏବଂ ସାଗର ପୋଖରୀ ବେଳାଭୂମିରେ ଅନୁଷ୍ଠିତ ହେଉଥିବା ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ସମାରୋହ ହୋଇଯାଇଛି ଉଦଯାପିତ। ଐତିହ୍ୟ ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ସହ ଓଡିଆ ଜାତିର କଳା, ସଂସ୍କୃତି ଓ ଲୋକାଚାରର ନିଚ୍ଛକ ଚିତ୍ର ବହନ ପୂର୍ବକ ସାଗର ପୋଖରୀରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଂସ୍କୃତିକ ଭାବଧାରାର ବିକାଶ, ସଭ୍ୟତାର ଆଦାନ ପ୍ରଦାନ ଏବଂ ନୟାଗଡ଼ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ର ତଥା ନୟାଗଡ଼ରେ ଭାଇଚାରା ପ୍ରତିଷ୍ଠା ଉଦ୍ଦ୍ୟେଶକୁ ଆଖି ଆଗରେ ରଖି ଆଜକୁ ୨୨ବର୍ଷ ହେବ ଏହି ବୋଇତ ବନ୍ଦଣା ଯାତ୍ରା ନୟାଗଡ଼ ରେ ପାଳନ କରାଯାଉଛି। ନୌବାଣିଜ୍ୟ ର ପରମ୍ପରା କୁ ଉଜିବିତ କରି ରଖିବା ପାଇଁ ନୟାଗଡ ପୁରୁଣା ସହର ସାଗର ପୋଖରୀ ଠାରେ ଉତ୍ସାହର ସହ ପାଳିତ ହୋଇଯାଇଛି ବୋଇତ ବନ୍ଦାଣ ଉତ୍ସବ। ୨୦୦୪ ମସିହାରୁ ନୟାଗଡ଼ରେ ଆରମ୍ଭ ହୋଇଥିବା ବୋଇତ ବନ୍ଦାଣ ଉତ୍ସବ ଚଳିତ ବର୍ଷ ୨୨ ବର୍ଷରେ ପହଞ୍ଚିଛି। ଜିଲ୍ଲା ପ୍ରଶାସନର ସହଯୋଗରେ ବୋଇତ ବନ୍ଦାଣ ଯାତ୍ରା କମିଟି ପକ୍ଷରୁ ଏହି ଉତ୍ସବକୁ ଆୟୋଜନ କରାଯାଇଥିଲା। ଆୟୋଜନ ବୋଇତ ବନ୍ଦାଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭା ର ବାଚସ୍ପତି ସୁରମା ପାଢୀ ଙ୍କ ସହ ସ୍ଥାନୀୟ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ରଣପୁର ର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୂର୍ବତନ କନ୍ଧମାଳ ସାଂସଦ ତଥା ନୟାଗଡ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଦର୍ଶକଙ୍କ



ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥିଲେ ଚଳଚ୍ଚିତ୍ର ଅଭିନେତ୍ରୀ ଶିତଲ ପାତ୍ର। ଆୟୋଜିତ ସାଂସ୍କୃତିକ ଉତ୍ସବରେ ଯୋଗ ଦେବା ସହ ସୁସଜ୍ଜିତ ଡଙ୍ଗାରେ ସାଗର ପୁଷ୍କରିଣୀରେ ନୌବିହାର କରିଥିଲେ ମୁଖ୍ୟ ଅତିଥି ସୁରମା ପାଢୀ ସମେତ ଅଭିନେତ୍ରୀ ଶିତଲ ପାତ୍ର, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ରୀ ସିଂ, ନୟାଗଡ଼ ମୁନିସିପାଲଟି ଅଧକ୍ଷା ନିରୁପମା ଖଟେଇ, ଉପ ଜିଲ୍ଲାପାଳ କର୍ଣ୍ଣଦେଓ ସମାଦାର ଏବଂ ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ପ୍ରମୁଖ ସାଗର ପୁଷ୍କରିଣୀରେ ନୌ ବିହାର ଏବଂ ବୋଇତ ବନ୍ଦାଣ ସାଂସ୍କୃତିକ ନୃତ୍ୟ ଦେଖା ପାଇଁ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା ସାଗର ପୁଷ୍କରିଣୀ କୁଳରେ। ନୌବାଣିଜ୍ୟ ର ପରମ୍ପରା କୁ ଉଜିବିତ କରି ରଖିବା ପାଇଁ ଗତ ୨୨ ବର୍ଷ ହେଲା ସ୍ଥାନୀୟ ବୋଇତ ବନ୍ଦାଣ କମିଟି ଏହାକୁ ଆୟୋଜନ କରି ଆସୁଛି। ବୋଇତ ବନ୍ଦାଣ ଉତ୍ସବରେ ସ୍ଥାନୀୟ କୁନିକୁନି କଳାକାର ସହ ଚଳଚିତ୍ର ଅଭିନେତ୍ରୀ ଶୀତଲଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଭୋର କରିଥିଲା। ଓଡ଼ିଶାର ନୌବାଣିଜ୍ୟ ର ଐତିହ ପରମ୍ପରାଙ୍କୁ ଉଜ୍ଜୀବିତ ରଖିବା ପାଇଁ ନୟାଗଡ଼ ବାସିନ୍ଦାଙ୍କ ଏଭଳି ଉଦ୍ୟମ ଏବଂ ଭଲ ପାଇବାକୁ ପ୍ରଶଂସା କରିଥିଲେ ବାଚସ୍ପତି ସୁରମା ପାଢୀ ଏବଂ ଚଳଚିତ୍ର ଅଭିନେତ୍ରୀ ଶୀତଲ ପାତ୍ରୟ ଆଜି ସକାଳ ୮. ୩୦ ମିନିଟ ସମୟରେ ନୟାଗଡ଼ ପୁରୁଣା ସହର ମଣ୍ଡାବାଗନ୍ ପଡିଆ ଠାରେ ପ୍ରଥମେ ସ୍ଥାନୀୟ କଳାକାର ଙ୍କ ଦ୍ୱାରା ଗୀତକଥା ଅନୁସାରେ ସାଧବ ପୁଅ ଅର୍ଥା ସାତ ପୁଅ ଓ ସାତ ବୋହୂ ସାଙ୍ଗକୁ ତଅପୋଇ ଭୂମିକା ରେ ନୌବାଣିଜ୍ୟ ଉଦେଶ୍ୟ ରେ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟ ପରିବେଷଣ କରିବା ସହ ମୁଖ୍ୟ ଆକର୍ଷଣ ଓଡ଼ିଆ ଚଳଚ୍ଚିତ୍ରର ଜଗତ ଅଭିନେତ୍ରୀ ଶୀତଲ୍ ପାତ୍ର ଙ୍କ ଦ୍ୱାରା ଦର୍ଶକଙ୍କ ମନୋରଂଜନ କରାଯାଇଥିଲା। ଏହାସହ ବୋଇତ ବନ୍ଦାଣ ଯାତ୍ରା ଉତ୍ସବ ପାଳନ ପାଇଁ ପୁରୁଣା ସହର ସାଗର ପୁଷ୍କରିଣୀରେ ସୁସଜ୍ଜିତ ନୌକାରେ ମୁଖ୍ୟ ଅତିଥି ମାନଙ୍କ ସହ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ୍ ପାତ୍ର ନୌବିହାର କରିଥିଲେ। ଆଜି ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପଲଟିଥିଲେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ୍ ପାତ୍ର। ଶ୍ରୀତଲ୍ ଙ୍କ ଡ୍ୟାନ୍ସ ଏବଂ ସଂଗୀତରେ ହଜାର ହଜାର ଦର୍ଶକଙ୍କ ଝୁମିଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ସାଉଦି ଆରବର ଶକ୍ତି ବୃଦ୍ଧି କରିବେ ଟ୍ରମ୍ପ୍

ୱାଶିଂଟନ/ରିୟାଦ: ସାଉଦି ଆରବ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗ ଏକ ନୂତନ ସ୍ତରକୁ ପହଞ୍ଚିପାରେ ବୋଲି ଚର୍ଚ୍ଚା ହେଉଛି। ରଏଟର୍ସ ରିପୋର୍ଟ କରିଛି ଯେ, ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ସାଉଦି ଆରବର ୪୮ ଟି ଏଫ୍-୩୫ ଲଢୁଆ ବିମାନ କ୍ରୟ କରିବା ଅନୁରୋଧକୁ ଗମ୍ଭୀରତାର ସହିତ ବିଚାର କରୁଛି। ଏହି ଚୁକ୍ତି କୋଟି କୋଟି ଡଲାରର ହୋଇପାରେ ଏବଂ ଯଦି ଅନୁମୋଦିତ ହୁଏ, ତେବେ ଏହା ସାଉଦି ଆରବର ସାମରିକ ଶକ୍ତିକୁ ଯଥେଷ୍ଟ ବୃଦ୍ଧି କରିବ। ଏହି ପ୍ରସ୍ତାବ ପେଣ୍ଟାଗନରେ ଏକ ପ୍ରମୁଖ ପ୍ରତିବନ୍ଧକକୁ ଅତିକ୍ରମ କରିସାରିଛି ଏବଂ ବର୍ତ୍ତମାନ ଏହା ଉଚ୍ଚସ୍ତରରେ ବିଚାରାଧୀନ ଅଛି।ଚୁକ୍ତି କାର୍ଯ୍ୟକାରୀ ହେଲେ ଟମ୍ପ୍‌ଙ୍କ ପ୍ରଶାସନକୁ ବଡ଼ ସଫଳତା ମିଳିବା ସହିତ ଆମେରିକାର ସ୍ଥିତି ମଧ୍ୟପ୍ରାଚ୍ୟରେ ସୁଦୃଢ଼ ହୋଇପାରିବ। ଏଫ-୩୫ ଜେଟ୍‌କୁ ବିଶ୍ୱର ସବୁଠାରୁ ଉନ୍ନତ ଲଢୁଆ ବିମାନ ଭାବରେ ବିବେଚନା କରାଯାଏ। ଏହା ଗୁପ୍ତ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ। ଏହା ଶତ୍ରୁ



ରାଡାରରେ ଧରା ପଡ଼ି ନଥାଏ। ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ଏହି ଜେଟ୍ ପରିଚାଳନା କରୁଛି। ଯଦି ସାଉଦି ଆରବ ଏହାକୁ ଅଧିଗ୍ରହଣ କରେ, ତେବେ ଏହା ସମଗ୍ର ଅଞ୍ଚଳରେ ସାମରିକ ସନ୍ତୁଳନକୁ ପରିବର୍ତ୍ତନ କରିବ ବୋଲି ଅନୁମାନ କରାଯାଉଛି।

ମଧ୍ୟପ୍ରାଚ୍ୟରେ କୌଣସି ଅସ୍ତ୍ରଶସ୍ତ୍ର ଚୁକ୍ତି ପୂର୍ବରୁ ଇସ୍ରାଏଲର 'ଗୁଣାତ୍ମକ ସାମରିକ ଅଗ୍ରଗତି' ସୁନିଶ୍ଚିତ କରିବା ୱାଶିଂଟନର ଦୀର୍ଘକାଳୀନ ନୀତି। ଅର୍ଥାତ୍, ଏହାର ଆରବ ପଡ଼ୋଶୀମାନଙ୍କ ଉପରେ ଇସ୍ରାଏଲର ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ବଜାୟ ରଖିବା। ସାଉଦି ଆରବକୁ ଏଫ-୩୫ର ସମ୍ଭାବ୍ୟ ବିତରଣକୁ ଏହି ନୀତିର ସବୁଠାରୁ ବଡ଼ ପରୀକ୍ଷା ଭାବରେ ଦେଖାଯାଉଛି। ଟ୍ରମ୍ପ୍ ପ୍ରଶାସନ କ୍ଷମତାକୁ ଆସିବା ପରଠାରୁ, ଆମେରିକା ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କ ପୁଣି ଥରେ ମଜବୁତ ହେଉଥିବା ପରି ମନେ ହେଉଛି। ମେ' ୨୦୨୫ ରେ, ୱାଶିଂଟନ ସାଉଦି ଆରବକୁ ୧୪୨ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ରାଜି ହୋଇଥିଲା। ଯାହାକୁ ଏପର୍ଯ୍ୟନ୍ତ ସବୁଠାରୁ ବଡ ପ୍ରତିରକ୍ଷା ସହଯୋଗ ଚୁକ୍ତି ବୋଲି କୁହାଯାଉଛି। ଯଦି ଏଫ-୩୫ ଚୁକ୍ତି ଅନୁମୋଦିତ ହୁଏ, ତେବେ ଏହା ଟ୍ରମ୍ପ୍ ଏବଂ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଗଭୀର କରିବ। ତଥାପି, ଏହି ଚୁକ୍ତି ଏପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ପେଣ୍ଟାଗନ, ହ୍ୱାଇଟ୍ ହାଉସ୍ ଏବଂ ଆମେରିକୀୟ କଂଗ୍ରେସରୁ ଚୂଡ଼ାନ୍ତ ଅନୁମୋଦନ ଆବଶ୍ୟକ ହେବ। ଟ୍ରମ୍ପଙ୍କ ସ୍ୱାକ୍ଷର ପରେ ହିଁ ଏହି ଚୁକ୍ତି ଆନୁଷ୍ଠାନିକ ଭାବରେ ଆଗକୁ ବଢ଼ିବ। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, କିଛି ମାସ ଧରି ଆଲୋଚନା ଚାଲିଛି ଏବଂ ଏହା ଏବେ ପ୍ରତିରକ୍ଷା ସଚିବଙ୍କ ସ୍ତରରେ ପହଞ୍ଚିଛି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ସରକାରଙ୍କ କିଛି ସଦସ୍ୟ ସାଉଦି ଆରବ ସହିତ ଅସ୍ତ୍ରଶସ୍ତ୍ର ଚୁକ୍ତିନାମାକୁ ନେଇ ସତର୍କ ରହିଛନ୍ତି। ୨୦୧୮ରେ ସାମ୍ବାଦିକ ଜମାଲ ଖାସୋଗିଙ୍କ ହତ୍ୟା ପରେ, ରିୟାଦ ସହିତ ଅସ୍ତ୍ରଶସ୍ତ୍ର ଚୁକ୍ତିନାମାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ତେଣୁ, ଏଫ-୩୫ ବିକ୍ରୟକୁ ରାଜନୈତିକ ବିରୋଧ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି କୁହାଯାଉଛି।

## କବାଡ଼ି ଖେଳାଳିଙ୍କୁ ଗୁଳି କରି ହତ୍ୟା, ନିଜକୁ ଦାୟୀ କଲା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ

ଚଣ୍ଡିଗଡ଼ : ପଞ୍ଜାବରେ କବାଡି ଖେଳାଳିଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି। ଗତକାଲି ବିଳମ୍ବିତ ରାତିରେ ଲୁଧିଆନା ଜିଲାର ସମରାଲା ବ୍ଲକ ଅନ୍ତର୍ଗତ ମାନକି ଗାଁରେ ଆଉ ଏକ ବଡ଼ ଘଟଣା ଘଟିଛି, ଯେଉଁଠାରେ ୨୩ ବର୍ଷୀୟ କବାଡି ଖେଳାଳି ଗୁରବିନ୍ଦର ସିଂହଙ୍କୁ ଗୁଳି କରି ହତ୍ୟା କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ଚାରି ଜଣ ମୁଖାପିନ୍ଧା ଆକ୍ରମଣକାରୀ ଏକ ମୋଟରସାଇକେଲରେ ଆସି ଗୁରବିନ୍ଦର ଏବଂ ତାଙ୍କ ବନ୍ଧୁଙ୍କ ଉପରେ ଅତର୍କିତ ଗୁଳି ଚଳାଇଥିଲେ। ଘଟଣା ସମୟରେ, ଗୁରବିନ୍ଦର ତାଙ୍କ ବନ୍ଧୁ ଧରମବୀର ଏବଂ ଲଭପ୍ରୀତ ସିଂହଙ୍କ ସହିତ ଗାଁ



ମେଡିକାଲ ଷ୍ଟୋର ନିକଟରେ ଏକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରୁଥିଲେ। ଆକ୍ରମଣକାରୀମାନେ ହଠାତ ଉପସ୍ଥିତ ହୋଇ ବିନା ଚେତାବନୀରେ ଗୁଳି ଚଳାଇଥିଲେ। ଘଟଣାସ୍ଥଳରୁ ଅନେକ ଖାଲି କାର୍ଟ୍ରିଜ ଉଦ୍ଧାର କରାଯାଇଛି। କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହି ହତ୍ୟା ପାଇଁ ନିଜକୁ ଦାୟୀ କରିଛି। ଗ୍ୟାଙ୍ଗ ସଦସ୍ୟ ହରି ବକ୍ସର ଏବଂ ଆରଜୁ ବିଷ୍ଣୋଇ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଘଟଣା ପାଁ ଗ୍ୟାଙ୍ଗକୁ ଦାୟୀ କରିଛନ୍ତି। ପୂର୍ବରୁ, ଅକ୍ଟୋବର ୩୧ରେ, ଲୁଧିଆନାରେ କବାଡି ଖେଳାଳି ତେଜପାଲଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା।

# ନ୍ୟୁକ୍ଲିୟର ମିଶାଇଲ୍ ଟେଷ୍ଟ କଲା ଆମେରିକା

ଆମେରିକା: ଆମେରିକା ବାୟୁସେନାର ଗ୍ଲୋବାଲ ଷ୍ଟ୍ରାଇକ୍ କମାଣ୍ଡ କାଲିଫର୍ନିଆରୁ ଏକ ନିରସ୍ତ୍ର ମିନିଟମ୍ୟାନ୍ ।।। ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ୍ ପରୀକ୍ଷଣ କରିଥିଲା । ଏହା ଏକ ନିୟମିତ ପରୀକ୍ଷଣ ଥିଲା । ଏହି କ୍ଷେପଣାସ୍ତ୍ର ମାର୍ଶାଲ୍ ଦ୍ୱୀପପୁଞ୍ଜ ନିକଟରେ ରୋନାଲ୍ଡ ରେଗାନ୍ ବାଲିଷ୍ଟିକ୍ ମିଶାଇଲ୍ ଡିଫେନ୍ସ ଟେଷ୍ଟ ସାଇଟରେ ପଡ଼ିଥିଲା । ପରମାଣୁ ଅସ୍ତ୍ର ଉପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଏହି ପରୀକ୍ଷଣ କରାଯାଇଥିଲା । ମିନିଟମ୍ୟାନ୍ ।।। ହେଉଛି ଆମେରିକାର ସବୁଠାରୁ ପୁରୁଣା ଓଉଇଗ । ଯାହା ୧୯୭୦ ଦଶକରୁ ବ୍ୟବହୃତ ହୋଇଆସୁଛି । ଏହା ଭୂମିରୁ ଲଞ୍ଚ ହୋଇପାରେ ଏବଂ



ଏହାର ପରିସର ୧୩,୦୦୦ କିଲୋମିଟର । ଏଥିରେ ନ୍ୟୁକ୍ଲିୟର ଲଗାଯାଇପାରେ, କିନ୍ତୁ ଏହି ଟେଷ୍ଟରେ କୌଣସି ଅସ୍ତ୍ର ବହନ କରାଯାଇ ନଥିଲା । ଏଥିସହ ଜାଣିରଖନ୍ତୁ ଯେ, ଆମେରିକା ପାଖରେ ପ୍ରାୟ ୪୦୦ ଏପରି ମିଶାଇଲ୍ ଅଛି, ଯାହା ରୁଷ ଏବଂ ଚୀନ୍ ଭଳି ଦେଶ ବିରୁଦ୍ଧରେ ଏହାର ପ୍ରତିରକ୍ଷାର ଏକ ଅଂଶ ହୋଇଛି । ଏହି ମିଶାଇଲକୁ "ମିନିଟମ୍ୟାନ୍" ନାମରେ ଜଣାଶୁଣା କାରଣ ଏହା ଗୋଟିଏ ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇପାରିବ । ଆମେରିକା ୨୦୩୦ ସୁଦ୍ଧା ଏହାକୁ ଏକ ନୂଆ ମିଶାଇଲ ସହିତ ବଦଳାଇବାକୁ ଯୋଜନା କରୁଛି, କିନ୍ତୁ ସେପର୍ଯ୍ୟନ୍ତ, ଏହି ଟେଷ୍ଟଗୁଡ଼ିକ ଜାରି ରହିବ ।

## ସଞ୍ଜୟ ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଲା: ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି

ମୁମ୍ବାଇ: ବରିଷ୍ଠ ଶିବସେନା ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହେବା ପରେ ତାଙ୍କୁ ବୁଧବାର ଅପରାହ୍ନରେ ମୁମ୍ବାଇର ଭାଣ୍ଡୁପ୍ ସ୍ଥିତ ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଛି ଦିନ ପୂର୍ବରୁ, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯୋଗୁ ସଞ୍ଜୟ ରାଉତ ରାଜନୀତିରୁ ଦୂରେଇ ରହିବାର ନିଷ୍ପତ୍ତି ଘୋଷଣା କରିଥିଲେ। ସେ ବ୍ୟକ୍ତିଗତ ଭାବରେ



ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୋସିଆଲ ମିଡିଆ ଏକ୍ସରେ ସୂଚନା ପ୍ରଦାନ କରିଥିଲେ ଏବଂ ତାଙ୍କ ସମର୍ଥକମାନଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଥିଲେ। ସେ ଲେଖିଥିଲେ, ଆପଣମାନେ ସମସ୍ତେ ସବୁବେଳେ ମୋ ଉପରେ ବିଶ୍ୱାସ ରଖିଛନ୍ତି ଏବଂ ଭଲ ପାଇଛନ୍ତି, କିନ୍ତୁ ହଠାତ୍ ମୋର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଛି। ମୁଁ ଚିକିତ୍ସାଧୀନ ଅଛି ଏବଂ ଶୀଘ୍ର ସୁସ୍ଥ ହୋଇଯିବି। ଡାକ୍ତରଙ୍କ ପରାମର୍ଶ କ୍ରମେ, ରାଉତଙ୍କୁ ବାହାରକୁ ଯିବା ଏବଂ ଭିଡ଼ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ସେ ଏକ୍ସରେ ଆହୁରି ଲେଖିଥିଲେ ଯେ, ଡାକ୍ତରଙ୍କ ପରାମର୍ଶ ପାଳନ କରି ଏବେ ସାର୍ବଜନୀନ କାର୍ଯ୍ୟକ୍ରମ ଏବଂ ଭିଡ଼ରୁ ଦୂରେଇ ରହିବାକୁ ପଡିବ। ସେ କହିଥିଲେ, ମୁଁ ନିଶ୍ଚିତ ଯେ, ମୁଁ ଶୀଘ୍ର ସୁସ୍ଥ ହୋଇଯିବି ଏବଂ ନୂତନ ବର୍ଷରେ ଆପଣମାନଙ୍କୁ ପୁଣି ଥରେ ଭେଟିବି। ଆପଣଙ୍କ ପ୍ରେମ ଏବଂ ଆଶୀର୍ବାଦ ସର୍ବଦା ମୋ ସହିତ ରହୁ। ଶିବସେନା କର୍ମୀ ଏବଂ ନେତାମାନେ ରାଉତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ରାଉତ ମୁମ୍ବାଇର ଫୋର୍ଟିସ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଯଦିଓ ତାଙ୍କ ଅସୁସ୍ଥତାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ।ସେ ସର୍ବଦା ମହାରାଷ୍ଟ୍ର ରାଜନୀତିରେ ତାଙ୍କର ସ୍ପଷ୍ଟବାଦୀ ଏବଂ ସ୍ପଷ୍ଟବାଦୀ ସ୍ୱର ପାଇଁ ଜଣାଶୁଣା। ଜେଲ୍‌ରୁ ମୁକ୍ତ ହେବା ପରେ ମଧ୍ୟ ସେ ସକ୍ରିୟ ଭୂମିକା ଗ୍ରହଣ କରିଆସୁଛନ୍ତି।

## ବିଲାସପୁର ଟ୍ରେନ ଦୁର୍ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିଲା, ଲୋକୋ ପାଇଲଟ ମାନିନଥିଲେ ସିଗନାଲ୍

ବିଲାସପୁର : ଛତିଶଗଡ଼ ବିଲାସପୁରରେ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୧୧ ଜଣଙ୍କ ଜୀବନ ଚାଲିଯାଇଛି । ଏବେ ଟ୍ରେନ ଦୁର୍ଘଟଣାର କାରଣ ସାମ୍ନାକୁ ଆସିଛି । ପ୍ରାରମ୍ଭିକ ଯାଞ୍ଚରୁ ଜାଣିବାକୁ ମିଳିଛି କି, ସିଗନାଲ ନମାନି ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା ମେମୁ ଟ୍ରେନ । ଲୋକ ପାଇଲଟ ସିଗନାଲ ନିୟମକୁ ପାଳନ ନକରିବାରୁ ଏତେ ବଡ଼ ଦୁର୍ଘଟଣା ଘଟିଥିବା ରେଳବାଇ କହିଛି । ପ୍ରାଥମିକ ଯାଂଚରେ ବ୍ରେକିଂ ସିଷ୍ଟମରେ କୌଣସି ତ୍ରୁଟି ଜଣାପଡିନଥିବା ବେଳେ ଲୋକ ପାଇଲଟଙ୍କ ଅସାବଧାନତାକୁ ଦାୟୀ କରାଯାଇଛି । ଲୋକୋ ପାଇଲଟଙ୍କ ବ୍ଲାକ ବକ୍ସ ଡାଟା, ସିଗନାଲ ଲଗ୍ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ତଦନ୍ତ କରୁଛନ୍ତି ରେଳ ସୁରକ୍ଷା କମିଶନର । କେବଳ ଏ ଗୋଟେ ଘଟଣା ନୁହେଁ ବଂର ୨୦୨୫ରେ ହୋଇଥିବା ୩ରୁ ଅଧିକ ଦୁର୍ଘଟଣାରେ ଯାନ୍ତ୍ରିକ ଓ ପରିଚାଳନାଗତ ତ୍ରୁଟି



ପରିଲିକ୍ଷିତ ହୋଇଛି । ଦୁର୍ଘଟଣା ପରେ ଟ୍ରେନ୍ କୋଚ୍ ଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଉଦ୍ଧାରକାରୀ ଦଳ ପହଞ୍ଚିବା ପରେ, ଟ୍ରାକ୍ ସଫା କରିବା କାମ ଦ୍ରୁତ ଗତିରେ ଆରମ୍ଭ ହୋଇଥିଲା । ଏହା ଅନେକ ଟ୍ରେନକୁ ମଧ୍ୟ ପ୍ରଭାବିତ କରିଛି ।

ସୂଚନାଯୋଗ୍ୟ, ଗତକାଲି ଜୟରାମନଗର ଷ୍ଟେସନରେ ମାଲଗାଡ଼ିକୁ ଧକ୍କା ଦେଇଥିଲା ପାସେଞ୍ଜର ଟ୍ରେନ। ଦୁର୍ଘଟଣାରେ ୪ ରୁ ୫ଟି ବଗି ଲାଇନଚ୍ୟୁତ ହୋଇଥିବା ବେଳେ ୧୧ ଜଣଙ୍କ ମୃତ୍ୟୁ ହୋଇଛି । ଘଟଣାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ହଜାର ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସେହିପରି ରେଲୱେ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଛି ।

# ୫ ଜଣଙ୍କୁ ଚାପିଦେଲା ଟ୍ରେନ୍

ଲକ୍ଷ୍ନୌ : ଉତ୍ତରପ୍ରଦେଶର ମିର୍ଜାପୁର ଜିଲାରେ ବୁଧବାର ଏକ ବଡ଼ ଟ୍ରେନ୍ ଦୁର୍ଘଟଣା ଘଟିଛି। ଚୁନାର ରେଳ ଷ୍ଟେଶନରେ ପ୍ରାୟ ୫ ଜଣ ଲୋକ ଟ୍ରେନ୍‌ରେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ କାର୍ଯ୍ୟ



ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ସେ ଏସଡିଆରଏଫ ଏବଂ ଏନଡିଆରଏଫ ଦଳଗୁଡ଼ିକୁ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ରିଲିଫ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ମଧ୍ୟ ନିର୍ଦ୍ଦେଶ ଦେବା ସହ ମୁଖ୍ୟମନ୍ତ୍ରୀ ଆହତମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଟ୍ରେନ୍‌ର ଭୁଲ ଦିଗରୁ ଓହ୍ଲାଇବା ସମୟରେ ଦୁର୍ଘଟଣା ଘଟିଥିଲା। ଲୋକମାନେ ପାଦରେ ଚାଲି ରେଳ ଟ୍ରାକ୍ ପାର ହେଉଥିବା ସମୟରେ କାଲକା-ହାୱଡ଼ା ଏକ୍ସପ୍ରେସ୍ ହଠାତ୍ ଦ୍ରୁତଗତିରେ ଟ୍ରାକ୍ ଉପରେ ଆସିଗଲା। ପ୍ରାୟ ୬ ଜଣ ଲୋକ ଟ୍ରେନ୍ ଦ୍ୱାରା ଧକ୍କା ଖାଇ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକମାନେ କହିଛନ୍ତି ଯେ, ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ମୃତକଙ୍କ ଶରୀର ଖଣ୍ଡଖଣ୍ଡ ହୋଇଯାଇଥିଲା।

## ୧ ପ୍ରତିଶତ ଧନୀ ଭାରତୀୟଙ୍କ ସମ୍ପତ୍ତି ୬୨% ବଢ଼ିଛି

ନୂଆଦିଲ୍ଲୀ : ସାରା ବିଶ୍ୱରେ ଆର୍ଥିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଧନୀ ଓ ଗରିବଙ୍କ ମଧ୍ୟରେ ଉକ୍ତ ତାରତମ୍ୟ ଏପରି ବଢ଼ିଯାଇଛି ଯେ, ଏହା ଗଣତାନ୍ତ୍ରିକ ସ୍ଥିରତା, ଆର୍ଥିକ ଆଘାତ ପ୍ରତିରୋଧ ସାମର୍ଥ୍ୟ ଏବଂ ଜଳବାୟୁ ସହଯୋଗ ପ୍ରତି ବିପଦ ସୃଷ୍ଟି କରିଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦେଶରେ ସର୍ବାଧିକ ଧନ ଥିବା ୧% ବ୍ୟକ୍ତିଙ୍କ ସମ୍ପତ୍ତି ୨ ଦଶନ୍ଧି ମଧ୍ୟରେ ୬୨% ବୃଦ୍ଧି ପାଇଛି। ନୋବେଲ ପୁରସ୍କାର ବିଜେତା ଜୋସେଫ୍ ଷ୍ଟିଗ୍ଲିଟ୍‌ଜଙ୍କ ଦ୍ୱାରା ପ୍ରସ୍ତୁତ ତଥା ଜି-୨୦ ସମର୍ଥିତ ଏକ ସଦ୍ୟ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨୦୨୪ ଡିସେମ୍ବର ୧ରୁ ୨୦୨୫ ନଭେମ୍ବର ୩୦ ପର୍ଯ୍ୟନ୍ତ ଜି୨୦ରେ ଅଧ୍ୟକ୍ଷତା କରୁଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ସାରା ବିଶ୍ୱରେ ୧% ସର୍ବାଧିକ ଧନୀଙ୍କ ସମ୍ପତ୍ତି ୪୧% ବଢ଼ିଛି। ଏହି ଅବଧି ମଧ୍ୟରେ ଅଧା ଗରିବଙ୍କ ସମ୍ପତ୍ତି ମାତ୍ର ୧%ରେ ସୀମିତ ରହିଛି। ରିପୋର୍ଟରେ ଏହାକୁ ବୈଶ୍ୱିକ ଜରୁରୀ ସ୍ଥିତି ବୋଲି ଅଭିହିତ କରାଯାଇଛି। ଭାରତ ଓ ଚାଇନା ଭଳି ଦେଶରେ ଏଭଳି ବ୍ୟବଧାନ ବଢ଼ିଥିବାବେଳେ ଅଧିକାଂଶ ରାଷ୍ଟ୍ରରେ ଅର୍ଥିକ ଅସମାନତା ବ୍ୟାପକ ହୋଇଛି। ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଦେଶରେ ୧ ପ୍ରତିଶତ ସବୁଠୁ ଧନୀ ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରିବାରେ ଲାଗିଛନ୍ତି। ଏହି ଦେଶଗୁଡ଼ିକର ଜନସଂଖ୍ୟା ବିଶ୍ୱର ୭୪%। ଭାରତରେ ଶୀର୍ଷ ୧ ପ୍ରତିଶତଙ୍କ ସମ୍ପତ୍ତିର ସାନ୍ଦ୍ରତା ଚାଇନାର ୫୪ ପ୍ରତିଶତଠାରୁ ଅଧିକ ରହିଛି ବୋଲି ଜୟତି ଘୋଷ, ୱିନ୍ନିଏ ବ୍ୟାନ୍‌ୟିମା ଓ ଇମ୍ରାନ୍ ଭଲୋଡ଼ିଆ ସାମିଲ ଥିବା ବିଶେଷଜ୍ଞ କମିଟି ଦର୍ଶାଇଛି। ଅତ୍ୟଧିକ ଅସମାନତା ଦୂର ପାଇଁ ଏକ ଅନ୍ତର୍ଜାତୀୟ କମିଟି ଗଠକ କରାଯିବା ଉଚିତ ବୋଲି ଏଥିରେ ସୁପାରିସ କରାଯାଇଛି।

# ୯୯.୯୯% ମୁସଲିମ ମହିଳା ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବେ: ହାଇକୋର୍ଟ

ତିରୁବନନ୍ତପୁରମ: କେରଳ ହାଇକୋର୍ଟ ଜଣେ ମୁସଲିମ ପୁରୁଷଙ୍କ ଦ୍ୱିତୀୟ ବିବାହ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ମୁସଲିମ ପୁରୁଷ ପ୍ରଥମ ସ୍ତ୍ରୀ ଥିବା ସତ୍ତ୍ୱେ ଦ୍ୱିତୀୟ ବିବାହ କରିବାକୁ ଚାହାଁନ୍ତି, ତେବେ ପ୍ରଥମ ସ୍ତ୍ରୀଙ୍କ ମତାମତ ଶୁଣିବା ଉଚିତ। କୋର୍ଟ କହିଛନ୍ତି ଯେ ଏପରି ପରିସ୍ଥିତିରେ ଧର୍ମ ପରେ ଆସିଥାଏ। ବିଚାରପତି ଏହା ମଧ୍ୟ କହିଛନ୍ତି ଯେ ୯୯.୯୯ ପ୍ରତିଶତ ମୁସଲିମ ମହିଳା ସେମାନଙ୍କ ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବେ। ରିପୋର୍ଟ ଅନୁଯାୟୀ, କୋର୍ଟ କହିଛନ୍ତି ଯେ ଦ୍ୱିତୀୟ ବିବାହ ପାଇଁ ପ୍ରଥମ ସ୍ତ୍ରୀଙ୍କ ସମ୍ମତି ଆବଶ୍ୟକ ଏବଂ ଦ୍ୱିତୀୟ ବିବାହ ପଞ୍ଜିକରଣ କରିବା ସମୟରେ ଆନୁଷ୍ଠାନିକ ଆଇନ ପ୍ରଯୁଜ୍ୟ ହୁଏ ନାହିଁ। କୋର୍ଟ ଜଣେ ମୁସଲିମ ପୁରୁଷ ଏବଂ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ଦ୍ୱାରା ଦାୟର ଆବେଦନର ଶୁଣାଣି କରିବାକୁ ମନା କରି ଏହି ବୟାନ ଦେଇଛନ୍ତି। ଦମ୍ପତି ସେମାନଙ୍କ ବିବାହ ପଞ୍ଜିକରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। କୋର୍ଟ ଆବେଦନକୁ ଖାରଜ କରି କହିଛନ୍ତି ଯେ ପୁରୁଷଙ୍କ ପ୍ରଥମ ସ୍ତ୍ରୀ ମାମଲାର ପକ୍ଷ ନୁହଁନ୍ତି, ତେଣୁ ଆବେଦନ ଉପରେ ବିଚାର କରାଯାଇପାରିବ ନାହିଁ। ଆବେଦନକାରୀ କହିଛନ୍ତି ଯେ ସେ ଦ୍ୱିତୀୟ ବିବାହ ପଞ୍ଜିକରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ବିଭାଗ ମନା କରିଦେଇଛି। ସ୍ୱାମୀ ଯୁକ୍ତି ଦେଇଥିଲେ ଯେ ବିବାହ ପାଇଁ ପ୍ରଥମ ସ୍ତ୍ରୀଙ୍କ ସମ୍ମତି ଆବଶ୍ୟକ। କୋର୍ଟ କହିଛନ୍ତି ଯେ ପଞ୍ଜୀକରଣ ଅଧିକାରୀ ପ୍ରଥମ ସ୍ତ୍ରୀଙ୍କ ପକ୍ଷ ଶୁଣିପାରିବେ, ଏବଂ ଯଦି ସେ ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରନ୍ତି, ତେବେ ସମ୍ପୃକ୍ତ ନାଗରିକ କର୍ତ୍ତୃପକ୍ଷ କୋର୍ଟକୁ ଯାଇପାରିବେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ପି.ଭି. କୁନ୍ହିକ୍ରିଷ୍ଣନ୍ କହିଛନ୍ତି, 'ମୁଁ ବିଶ୍ୱାସ କରେ ନାହିଁ ଯେ କୁରାନ୍ କିମ୍ବା ମୁସଲିମ୍ ଆଇନ କେରଳ ବିବାହ ପଞ୍ଜୀକରଣ ଆଇନ ୨୦୦୮ ଅନୁଯାୟୀ ଅନ୍ୟ ମହିଳାଙ୍କ ସହିତ ବୈବାହିକ ସମ୍ପର୍କକୁ ଅନୁମତି ଦିଏ, ଯେତେବେଳେ ପ୍ରଥମ ସ୍ତ୍ରୀ ଜୀବିତ ଥାଆନ୍ତି ଏବଂ ବିବାହ ବଳବତ୍ତର ରହିଥାଏ, ପ୍ରଥମ ସ୍ତ୍ରୀଙ୍କ ପାଖରେ ଏହା ବିଷୟରେ କୌଣସି ସୂଚନା ନ ଥାଏ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ୱାମୀଙ୍କ ଦ୍ୱିତୀୟ ବିବାହ ପଞ୍ଜୀକରଣ ସମୟରେ ପ୍ରଥମ ସ୍ତ୍ରୀ ନୀରବ ଦର୍ଶକ ହୋଇ ରହିପାରିବେ ନାହିଁ। ଜଷ୍ଟିସ୍ କୁନ୍ହିକ୍ରିଷ୍ଣନ୍ କହିଛନ୍ତି ଯେ ପ୍ରଥମ ସ୍ତ୍ରୀଙ୍କ ଭାବନାକୁ ଅଣଦେଖା କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି ଯେ ବିଶେଷ ପରିସ୍ଥିତିରେ ମୁସଲିମ୍ ଆଇନ ଅନୁଯାୟୀ ଦ୍ୱିତୀୟ ବିବାହକୁ ଅନୁମତି ଦିଆଯାଇଛି। ପର୍ସନାଲ ଲ ଦ୍ୱିତୀୟ ବିବାହକୁ ଅନୁମତି ଦେଇଥାଏ, କିନ୍ତୁ ଦ୍ୱିତୀୟ ବିବାହ ପଞ୍ଜୀକରଣ ସମୟରେ ଦେଶର ଆଇନ ଲାଗୁ ହେବ, ଏବଂ ଏପରି ପରିସ୍ଥିତିରେ ପ୍ରଥମ ସ୍ତ୍ରୀଙ୍କୁ ତାଙ୍କର ପକ୍ଷ ଉପସ୍ଥାପନ କରିବାର ସୁଯୋଗ ଦିଆଯିବ। ଜଷ୍ଟିସ୍ କୁନ୍ହିକ୍ରିଷ୍ଣନ୍ କହିଛନ୍ତି ଯେ ସେ ନିଶ୍ଚିତ ଯେ ୯୯.୯୯ ପ୍ରତିଶତ ମୁସଲିମ୍ ମହିଳା ସେମାନଙ୍କ ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବେ। ସେ କହିଛନ୍ତି ଯେ ମୁସଲମାନ ମହିଳାମାନଙ୍କର ମଧ୍ୟ ସେମାନଙ୍କ ସ୍ୱାମୀମାନେ ପୁନଃବିବାହ କଲେ ଶୁଣାଣିର ଅଧିକାର ରହିବା ଉଚିତ।

# ଶେଖ୍ ହସିନାଙ୍କୁ ହଟାଯିବା ପଛରେ ସିଆଇଏ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବହିଷ୍କାରର ଏକ ବର୍ଷରୁ ଅଧିକ ସମୟ ପରେ ବାଂଲାଦେଶର ପୂର୍ବତନ ଗୃହମନ୍ତ୍ରୀ ଅସାଦୁଜମାନ ଖାନ କମଲ ଏକ ନୂତନ ପୁସ୍ତକରେ ଦାବି କରିଛନ୍ତି ଯେ, ସେନାମୁଖ୍ୟ ୱାକର-ଉଜ୍-ଜମାନ ସିଆଇଏର ଏଜେଣ୍ଟ ଭାବରେ କାର୍ଯ୍ୟ କରିଥିଲେ ଏବଂ ବିଦ୍ରୋହ କରିଥିଲେ। ସେନା ମୁଖ୍ୟଙ୍କୁ ମୁଖ୍ୟ ଷଡ୍ ?ଯନ୍ତ୍ରକାରୀ ବୋଲି କହିବା ସହ କମଲ ଆମେରିକା ବାଂଲାଦେଶକୁ ଅସ୍ଥିର କରୁଥିବା ଅଭିଯୋଗ କରି ଦାବି କରିଛନ୍ତି ଯେ, ଆମେରିକା ଦକ୍ଷିଣ ଏସିଆରେ ଅଧିକ ଶକ୍ତିଶାଳୀ



ରାଷ୍ଟ୍ରମୁଖ୍ୟ ଚାହୁନାହିଁ। ସେ ଦକ୍ଷିଣ ଏସିଆର ଶକ୍ତିଶାଳୀ ନେତା ତାଲିକାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ଶେଖ ହସିନାଙ୍କୁ ନାମିତ କରିଛନ୍ତି। ଆମେରିକା ବାଂଲାଦେଶଠାରୁ ସେଣ୍ଟ ମାର୍ଟିନ୍ ଦ୍ୱୀପ ଚାହୁଁଛି ବୋଲି ହସିନାଙ୍କ ଦାବିକୁ ମଧ୍ୟ ସେ ଦୋହରାଇଛନ୍ତି।

ଦୀପ ହାଲଦାର, ଜୟଦୀପ ମଜୁମଦାର ଓ ସାହିଦୁଲ ହାସନ ଖୋକୋନଙ୍କ ଦ୍ୱାରା ଲିଖିତ ଏବଂ ଜର୍ଗନଟଙ୍କ ଦ୍ୱାରା ପ୍ରକାଶିତ 'ଇନ୍‌ଶାଲ୍ଲା ବାଂଲାଦେଶ: ଦ ଷ୍ଟୋରୀ ଅଫ୍ ଆନ୍ ଅନ୍‌ଫିନିସଡ ରିଭଲ୍ୟୁସନ୍' ପୁସ୍ତକରେ ଏହି ଦାବି କରାଯାଇଛି। ପୁସ୍ତକର ଦାବି ଅନୁସାରେ, ହସିନାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଦୀର୍ଘ ସମୟ ଧରି ସିଆଇଏ ଷଡ଼ଯନ୍ତ୍ର କରିଥିଲା। ଆମେ ଜାଣି ନ ଥିଲୁ ଯେ ସିଆଇଏ ପକେଟରେ ୱାକର୍ ଅଛନ୍ତି। ଦୁଇଟି କାରଣ। ପ୍ରଥମଟି ହେଉଛି ଦକ୍ଷିଣ ଏସିଆରେ ଅଧିକ ଶକ୍ତିଶାଳୀ ରାଷ୍ଟ୍ରମୁଖ୍ୟଙ୍କୁ ଆମେରିକା ସହ୍ୟ କରିପାରୁନାହିଁ। ମୋଦୀ, ଜିନପିଙ୍ଗ୍ ଭଳି ଶକ୍ତିଶାଳୀ ନେତାଙ୍କ ପାଇଁ ଆମେରିକାର ଅଡୁଆ ବଢୁଥିବା ବେଳେ ଅନ୍ୟତମ ଶକ୍ତିଶାଳୀ ନେତ୍ରୀ ଶେଖ୍ ହସିନାଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରି ଆମେରିକା ସଫଳ ହୋଇଛି। ସେଣ୍ଟ ମାର୍ଟିନ୍ ଦ୍ୱୀପ ଅକ୍ତିଆର କରିବା ହିଁ ଆମେରିକାର ମୂଳଲକ୍ଷ ବୋଲି କମଲ ପୁସ୍ତକରେ କହିଛନ୍ତି।

ହସିନା ମଧ୍ୟ ତାଙ୍କ ସରକାରଙ୍କ ପତନ ପାଇଁ 'ପ୍ରତାରକ' ଓ 'ଆତଙ୍କବାଦୀ'ମାନଙ୍କୁ ଦାୟୀ କରିଛନ୍ତି ଏବଂ କହିଛନ୍ତି ଯେ ସେ ତାଙ୍କ ଲୋକଙ୍କୁ ନ୍ୟାୟ ଦେବାକୁ ଫେରିବେ। ସେ ମଧ୍ୟବର୍ତ୍ତୀକାଳୀନ ବାଂଲାଦେଶ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ଏବଂ ଅଭିଯୋଗ କରିଛନ୍ତି ଯେ ସେ ବାଂଲାଦେଶରେ ଶାସନ ପରିବର୍ତ୍ତନରେ ଆମେରିକାକୁ ସମର୍ଥନ କରିଛନ୍ତି। ତାଙ୍କୁ ଜଣେ ଠକ ବୋଲି କହି ହସିନା ଅଭିଯୋଗ କରିଛନ୍ତି ଯେ, ସେ ନେତୃତ୍ୱ ନେବା ପରେ ଦେଶକୁ ଲୁଟ୍ କରୁଛନ୍ତି। ସେ ଛାତ୍ର ବିଦ୍ରୋହକୁ ଏକ 'ଆତଙ୍କବାଦୀ କାର୍ଯ୍ୟ' ବୋଲି କହିଥିଲେ ଯାହା ତାଙ୍କ ସରକାରର ପତନ ଘଟାଇଥିଲା ଏବଂ ୟୁନୁସ୍ ଏହାକୁ ପ୍ରୋତ୍ସାହିତ କରିଥିଲେ।

# ଟେଷ୍ଟ ଦଳକୁ ଫେରିଲେ ପନ୍ତ

## ଦ. ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଟିମ୍ ଇଣ୍ଡିଆ, ଫେରିଲେ ଆକାଶଦୀପ

ନୂଆଦିଲ୍ଲୀ,୫।୧୧: ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି ରିଷଭ ପନ୍ତ ଦଳକୁ ଫେରିଛନ୍ତି। ଦ୍ରୁତ ବୋଲର ଆକାଶଦୀପ ମଧ୍ୟ ଆଘାତ ପରେ ଦଳକୁ ପ୍ରତ୍ୟାବ□ନ କରିଛନ୍ତି।ପନ୍ତଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଥିବା ବେଳେ ଶୁଭମନ ଗିଲ୍ ଦଳର ନେତୃତ୍ୱ ନେବେ । ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ସିରିଜ୍ ନଭେମ୍ବର ୧୪ ରୁ ଆରମ୍ଭ ହେବ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜରେ ଦଳରେ ଥିବା ଅଧିକାଂଶ ଖେଳାଳି ଏହି ଟିମ୍‌ରେ ଅଛନ୍ତି।




କରୁଣ ନାୟାରଙ୍କୁ ପୁଣି ଥରେ ଅଣଦେଖା କରାଯାଇଛି ସେ ରଣଜୀ ଟ୍ରଫିରେ ଦମଦାର ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ ଇନିଂସ ଓପନିଂ ଦାୟିତ୍ୱ ପୁଣି ଥରେ ଯଶସ୍ୱୀ ଏବଂ ରାହୁଲଙ୍କ ଉପରେ ରହିବ। ସୁଦର୍ଶନ ୩ ନମ୍ବର ପୋଜିସନରେ ଖେଳିବେ। ସେହିଭଳି ସୁଦର୍ଶନ ୩ ନମ୍ବରରେ ସୁଯୋଗ ପାଇପାରନ୍ତି ଏବଂ ଦେବଦ□ ପାଡିକଲ କିମ୍ବା ଧ୍ରୁବ ଜୁରେଲଙ୍କୁ ଚତୁର୍ଥ ନମ୍ବରରେ ସୁଯୋଗ ମିଳିପାରେ ଦଳରେ ଅକ୍ଷର, କୁଳଦୀପ, ସୁନ୍ଦର ଏବଂ ଜାଡେଜା ୪ ଜଣ ସ୍ପିନର ଅଛନ୍ତି। ବୁମରା, ସିରାଜ ଏବଂ ଆକାଶ ପେସ୍ ବିଭାଗ ସମ୍ଭାଳିବେ।

ନୀତୀଶ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର ଭାବରେ ଦଳରେ ଅଛନ୍ତି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ୧୪ ନଭେମ୍ବରରୁ କୋଲକାତାର ଇଡେନ୍ ଗାର୍ଡେନସରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ୨୨ ନଭେମ୍ବରରୁ ଗୌହାଟୀରେ ଖେଳାଯିବ। ଏହା ପରେ, ଉଭୟ ଦଳ ନଭେମ୍ବର ୩୦ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳିବେ। ତାପରେ ଡିସେମ୍ବର ୯ ରୁ ଡିସେମ୍ବର ୧୯ ପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ପା□ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ।

ଭାରତର ଟେଷ୍ଟ ଦଳ: ଶୁଭମନ ଗିଲ (ଅଧିନାୟକ),ରିଷଭ ପନ୍ତ (ୱିକେଟ୍ କିପର, ଉପଅଧିନାୟକ), ଯଶସ୍ୱୀ ଜେସ୍ୱାଲ, କେ.ଏଲ୍ ରାହୁଲ, ସାଇ ସୁଦର୍ଶନ, ଦେବଦ□ ପାଡିକଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର, ଜସପ୍ରୀତ ବୁମରା, ଅକ୍ଷର ପଟେଲ, କୁଳଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଆକାଶଦୀପ।

### ଭାରତ ଏ' ଦଳରେ ନାହାଁନ୍ତି କୋହଲି, ରୋହିତ

ଅନ୍ୟପଟେ ଦ. ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଇଣ୍ଡିଆ-ଏ ଦଳ ମଧ୍ୟ ଘୋଷଣା କରାଯାଇଛି। ତିଳକ ବର୍ମା ଅଧିନାୟକ ଏବଂ ଋତୁରାଜ ଗାଏକ୍ୱାଡ ଉପଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ୱିକେଟ କିପିଂ ବିଭାଗ ଲାଗି ଇଶାନ କିଶନ ଏବଂ ପ୍ରଭସିମରନ ସିଂହଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ଇଣ୍ଡିଆ-ଏ ଟିମ୍‌ରେ ସାମିଲ କରାଯାଇ ନାହିଁ। ରୋହିତ ଏବଂ କୋହଲି ଟେଷ୍ଟ ଓ ଟି-୨୦ରୁ ଅବସର ନେବା ପରେ କେବଳ ଦିନିକିଆ। ଫର୍ମାଟ୍ ଖେଳୁଛନ୍ତି ।ମ୍ୟାଚ୍ ଫିଟ୍ ରହିବା ପାଇଁ ସୁନୀଲ ଗାଭାସ୍କରଙ୍କ ଭଳି ଅନେକ ବିଶେଷଜ୍ଞ ଡିସେମ୍ବରରେ ଆରମ୍ଭ ହେବାକୁ ଥିବା ବିଜୟ ହଜାରେ ଟ୍ରଫି ଭଳି ଘରୋଇ କ୍ରିକେଟ୍ ଖେଳିବାକୁ ଉଭୟଙ୍କୁ ପରାମର୍ଶ ଦେଇଛନ୍ତି।

ଇଣ୍ଡିଆ। ଏ ଦଳ:

ଅଧିନାୟକ: ତିଳକ ବର୍ମା, ଉପ-ଅଧିନାୟକ: ଋତୁରାଜ ଗାୟକାଡ, ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିଶନ , ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ବିପ୍ରାଜ ନିଗମ, ମାନବ ସୁଥାର, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣ, ଖଲୀଲ ଅହମ୍ମଦ, ପ୍ରଭସିମରନ ସିଂହ ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସନ୍ଧ୍ୟାରେ ନୂଆଦିଲ୍ଲୀ ବାସଭବନରେ ଆଇସିସି ମହିଳା ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳକୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି ।ଚାମ୍ପିଅନ୍ ଆଥଲେଟ୍ମାନଙ୍କୁ ସମ୍ବର୍ଦ୍ଧିତ କରିବା ତଥା ସେମାନଙ୍କ ସଫଳତାର କାହାଣୀ ଶୁଣିବାର ପରମ୍ପରା ବଜାୟ ରଖି ମୋଦି ଅଧିନାୟିକା ହରମନପ୍ରୀତ କୌର ଏବଂ ସମଗ୍ର ଦଳକୁ ସ୍ୱାଗତ କରିଥିଲେ

# ଜନ୍ମଦିନ ପାଳନ କଲେ କୋହଲି

ନୂଆଦିଲ୍ଲୀ,୫।୧୧: ଭାରତୀୟ କ୍ରିକେଟ ଦଳର ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କର ଆଜି ଜନ୍ମଦିନ ଆଜି ସେ ତାଙ୍କର ୩୭ତମ ଜନ୍ମଦିନ ପାଳନ କରୁଛନ୍ତି। ତାଙ୍କୁ କେବଳ ଭାରତରେ ନୁହେଁ ବରଂ ବିଶ୍ୱ କ୍ରିକେଟରେ ମଧ୍ୟ ସବୁଠାରୁ ସଫଳ ଖେଳାଳିଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। କୋହଲି ୫୫୦ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି ଏବଂ ୮୨ଶତକ ହାସଲ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ସ୍କୋରରଙ୍କ ତାଲିକାରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯିଏ ତାଙ୍କ କ୍ୟାରିୟରରେ ୧୦୦ଶତକ ହାସଲ କରିଥିଲେ। ବିରାଟ କୋହଲିଙ୍କ ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଜଣାଇ ବିସିସିଆଇ ତାଙ୍କ ସଫଳତା ଉପରେ ଆଲୋକପାତ କରି ଏକ ସ୍ୱତନ୍ତ୍ର ପୋଷ୍ଟ ସେୟାର କରିଛି। କୋହଲି ଏପର୍ଯ୍ୟନ୍ତ ୫୫୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୭,୬୭୩ ରନ୍ ସଂଗ୍ରହ କରିଛନ୍ତି।ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ କୋହଲି ୮୨ଟି ଶତକ ଏବଂ ୧୪୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୧. ବିରାଟ କୋହଲି ୧୨୩ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୮୫ ହାରରେ ୯,୨୩୦ ରନ୍ କରିଛନ୍ତି। ଟେଷ୍ଟ କ୍ରିକେଟରେ ସେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।ଟେଷ୍ଟ କ୍ରିକେଟରେ କୋହଲିଙ୍କ ସର୍ବୋ□ମ ଇନିଂସ ହେଉଛି ଅପରାଜିତ ୨୫୪।

୨. ବିରାଟ ୩୦୫ଟି ଦିନିକିଆ। ମ୍ୟାଚ୍ ଖେଳିସାରିଥିବା ବେଳେ ଏବେ ବି ଦିନିକିଆରେ ତାଙ୍କର ଯାତ୍ରା ଜାରି ରହିଛି। ଏହି ୩୦୫ଟି ମ୍ୟାଚ୍‌ରେ ସେ ୧୪,୨୫୫ ରନ୍ କରିଛନ୍ତି, ଯେଉଁଥିରେ ୫୧ଟି ଶତକ ଏବଂ ୭୫ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ।ଦିନିକିଆରେ କୋହଲିଙ୍କ ସର୍ବୋ□ମ ସ୍କୋର ହେଉଛି ୧୮୩ରନ୍।

୩. ଯଦି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ କଥା କହିବା ତେବେ ବିରାଟ କୋହଲି ୧୨୫ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳି ୪୮.୬୯ ହାରରେ ୪,୧୮୮ ରନ୍ କରିଛନ୍ତି। ସେ ଭାରତ ପାଇଁ ଟି-୨୦ କ୍ରିକେଟରେ ଗୋଟିଏ ଶତକ ଏବଂ ୩୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍‌ରେ କୋହଲିଙ୍କ ସର୍ବାଧିକ ସ୍କୋର

# ରାଜ୍ୟସ୍ତରୀୟ ସନ୍ତରଣରେ ମୟୂରଭଞ୍ଜରୁ ୨୦ ସାମିଲ



ବାରିପଦା,୫।୧୧: ଓଡିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୬ ରୁ ୮ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସ୍ଥିତ ଡା. ୪ସକେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହେବ । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୨୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେବେ। ଜେନେରାଲ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁର ର ପିଇଟି ହେମନ୍ତ କୁମାର ଜେନା,ବାଳକ ଟିମ ମ୍ୟାନେଜର ଭାବେ ରାଜାବସା ଉଚ୍ଚ ବିଦ୍ୟାଳୟ ର ପିଇଟି ପରୀକ୍ଷିତ ହେମ୍ବ୍ରମ ଓ ବାଳିକା ଟିମ ମ୍ୟାନେଜର ଭାବେ ମା ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ,ଲାଲଗଞ୍ଜ ର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ର ଙ୍କ ନେତୃତ୍ୱ ରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ଜଣ ପ୍ରତିଯୋଗୀ ଯୋଗ ଦେବେ । ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗ ରେ ବିକ୍ରମ ଦାସ, ମୁନା ସିଂ, ଲୋକନାଥ ସିଂ, ଅତନୁ ପାଣି, ରାହୁଲ ପଣ୍ଡିତ ଓ ବାଳିକା ବିଭାଗ ରେ ତନୁଜା ମହାନ୍ତ, ରୁଷା କିସ୍କୁ, ବାସନ୍ତୀ ମହାନ୍ତ, ରୀନା ମାରାଣ୍ଡି, ସାଇପ୍ରିୟା ସିଂ । ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗ ରେ ଶ୍ରୀକାନ୍ତ ସିଂ, ପ୍ରିତମଜିତ ସିଂ, ସୁରଜ ମାରାଣ୍ଡି, ଅମିତ କୁଅଁର,ଏଲିସା ହେମ୍ବ୍ରମ ଓ ବାଳିକା ବିଭାଗରେ ରାଜଲକ୍ଷ୍ମୀ ନାଏକ, ସସ୍ମିତା ସିଂ, ପବିତ୍ରା ନାଏକ, ଲଭଲି ସିଂ, ସବିତା ସିଂ । ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦା ରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ,ବଡ଼ସାହି ବ୍ଲକ ଓଷ୍ଟା ଶିକ୍ଷକ ସଙ୍ଘର କାର୍ଯ୍ୟକାରୀ ସଦସ୍ୟ ଦୀପକ ରାମ ପ୍ରମୁଖ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

# ରେଣୁକା ଠାକୁରଙ୍କ ଲାଗି ବଡ଼ ଘୋଷଣା

ଶିମଲା୦୫।୧୧: : ଷ୍ଟାର ବୋଲର ରେଣୁକା ସିଂହ ଠାକୁର ହିମାଚଳ ପ୍ରଦେଶର ଝିଅ ରେଣୁକାଙ୍କୁ ରାଜ୍ୟ ସମେତ ସାରା ଦେଶରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେପଟେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଥିବା ରେଣୁକାଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତିହିମାଚଳ ସରକାର। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ରେଣୁକାଙ୍କୁ ଫୋନ୍ କରି କଥା ହୋଇଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବେ ବୋଲି କହିଛନ୍ତି । ଭାରତର ବିଶ୍ୱକପ୍ ବିଜୟ ପରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ରେଣୁକା ସିଂହ ଠାକୁରଙ୍କ ସହ ଫୋନରେ କଥା ହୋଇଛନ୍ତି। ତାଙ୍କ ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ, ଦେଶର ଝିଅମାନେ ବିଶ୍ୱସ୍ତରରେ ଭାରତ ପାଇଁ ଗୌରବ ଆଣିଛନ୍ତି ରେଣୁକାଙ୍କୁ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ବୋଲି କହିବା ସହ ଜଣେ ହିମାଚଳୀ ଝିଅ ଦଳରେ ଖେଳିବା ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ସିଏମ ସୁଖୁ ରେଣୁକାଙ୍କ ସହ କଥା ହେବା ସମୟରେ ସେ ଘୋଷଣା କରିଛନ୍ତି ଯେ, ରାଜ୍ୟ ସରକାର ତାଙ୍କୁ ୧ କୋଟି ଟଙ୍କର ପୁରସ୍କାର ରାଶି ପ୍ରଦାନ କରିବେ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ସେମିଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ ଅଧା ଦେଖିଛନ୍ତି ଆଉ ସେ ପ୍ରଥମ ଥର ପାଇଁ ମହିଳା କ୍ରିକେଟ ମ୍ୟାଚ୍ ଦେଖିଛନ୍ତି । ରେଣୁକା ସିଂହ ଠାକୁର ବହୁତ ବଡ଼ ସଫଳତା ହାସଲ କରିଛନ୍ତି, ଯାହା ବିଶେଷ କରି ହିମାଚଳର ଝିଅମାନଙ୍କ ପାଇଁ ପ୍ରେରଣା ସବୁ ପ୍ରକାର ଆହ୍ୱାନର ସାମ୍ନା କରି ସେ ବିଶ୍ୱକପ୍ ଖେଳିବା ରାଜ୍ୟ ତଥା ଦେଶ ପାଇଁ ଗର୍ବର ବିଷୟ ପରିଶ୍ରମ ଏବଂ ନିଜ ଉପରେ ବିଶ୍ୱାସ ଥିଲେ ସ୍ୱପ୍ନ ପୂରଣ କରାଯାଇପାରିବ ବୋଲି ରେଣୁକା ପ୍ରମାଣ କରିଛନ୍ତି ବୋଲି କହିଛନ୍ତି ।

# ରୌଫଙ୍କୁ ୨ଟି ମ୍ୟାଚରୁ ବାସନ୍ଦ, ସୂର୍ଯ୍ୟକୁମାରଙ୍କୁ ଅର୍ଥ ଦଣ୍ଡ

ଦୁବାଇ,୦୫।୧୧: ଗତ ଏସିଆ। କପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ଉପୁଜିଥିବା ଉ□ଜନା ଓ ବିବାଦକୁ ନେଇ ଆଜି ଆଇସିସି ଦଣ୍ଡ ବିଧାନ ଲାଗୁ କରିଛି ପାକିସ୍ତାନ ପେସ୍ ବୋଲର ହ୍ୟାରିସ୍ ରୌଫଙ୍କୁ ୨ଟି ମ୍ୟାଚ୍‌ରୁ ନିଲମ୍ବିତ କରାଯାଇଛି ସେହିପରି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମ୍ୟାଚ୍ ପାଉଣାର ୩୦% ଅର୍ଥ କାଟ୍ କରାଯାଇଛି ବାକି ଖେଳାଳିମାନେ କେବଳ ଚେତାବନୀ ପାଇଛନ୍ତି ଓ କିଛି ଶୃଙ୍ଖଳା ପଏ□ ହରାଇଛନ୍ତି ଏସିଆ। କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୩ଟି ମୁକାବିଲା ହୋଇଥିଲା ସମସ୍ତ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନଙ୍କ ମଧ୍ୟରେ ବିବାଦ, ବିଶୃଙ୍ଖଳା ଓ ବାକ୍ୟ ବିନିମୟ ହୋଇଥିଲା ୧୪ ତାରିଖ ମ୍ୟାଚ୍‌କୁ ନେଇ ମ୍ୟାଚ୍ ରେଫରୀ ରିଚି ରିଚ୍ଚର୍ଡସନ ୩ଜଣ ଖେଳାଳିଙ୍କୁ ଦଣ୍ଡିତ କରିଛନ୍ତି




ରୌଫଙ୍କ ମ୍ୟାଚ ପାଉଣାର ୩୦% ଅର୍ଥ କାଟ୍ କରାଯିବା ସହ ୨ଟି ଶୃଙ୍ଖଳା ପଏ□ କଟା ଯାଇଛି ସେ ଆଇସିସି ଅଚ୍ଚର ସଂହିତାର ଆର୍ଟିକଲ ୨.୨୧ ଉଲ୍ଲଙ୍ଘନ କରିଥିବା ପ୍ରମାଣ ମିଳିଥିଲା ସମାନ ଉଲ୍ଲଙ୍ଘନ ପାଇଁ ସୂର୍ଯ୍ୟକୁମାରଙ୍କ ମ୍ୟାଚ୍ ପାଉଣାର ୩୦% ଅର୍ଥ କାଟ୍ କରାଯିବା ସହ ୨ଟି ଶୃଙ୍ଖଳା ପଏ□ ମଧ୍ୟ କଟା ଯାଇଛି ପାକିସ୍ତାନ ଓପନର ସାହିବଜାଦା ଫରହାନଙ୍କୁ କେବଳ ଚେତାବନୀ ଦିଆଯାଇଛି ଓ ଗୋଟିଏ ଶୃଙ୍ଖଳା ପଏ□ କାଟ କରାଯାଇଛି ୨୧ତାରିଖ ମ୍ୟାଚ୍‌ର ବିଶୃଙ୍ଖଳାକୁ ନେଇ ହୋଇଥିବା ଅଭିଯୋଗର ଶୁଣାଣିରେ ପେସ୍ ବୋଲର ଅର୍ଶଦୀପ ସିଂହଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯାଇଛି । ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟ ଏହି ଘଟଣାର ବିଚ୍ଚର କରିଥିଲେ। ଅର୍ଶଦୀପ ଆଇସିସି ଆଚ୍ଚର ସଂହିତାର ଆର୍ଟିକଲ ୨.୬ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଥିଲା। ସେ ପାକ ଖେଳାଳିଙ୍କ ବିରୋଧରେ ଅଭଦ୍ର ଭାଷା ପ୍ରୟୋଗ କରିଥିବା ଅଭିଯୋଗ ହୋଇଥିଲେ ହେଁ ମ୍ୟାଚ୍ ରେଫରୀ ଏହାକୁ ନାକଚ କରିଥିଲେ

୨୮ ତାରିଖରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ର ବିଶୃଙ୍ଖଳାକୁ ନେଇ ଯଶପ୍ରୀତ ବୁମରାଙ୍କୁ ଚେତାବନୀ ଦିଆଯିବ ସହ ଗୋଟିଏ ଶୃଙ୍ଖଳା ପଏ□ କାଟ୍ କରାଯାଇଛି ବୁମରା ଆଇସିସି ଆଚ୍ଚର ସଂହିତାର ଆର୍ଟିକଲ୍ ୨.୨୧ ଉଲ୍ଲଙ୍ଘନ କରିଥିଲେ ସମାନ ଘଟଣାକୁ ନେଇ ରୌଫ ପୁନର୍ବାର ଦୋଷୀ ସାବ୍ୟସ୍ତ ହୋଇଥିଲେ। ଫଳ ସ୍ୱରୂପ ତାଙ୍କ ମ୍ୟାଚ୍ ପାଉଣାର ୩୦% ଅର୍ଥ କାଟ୍ କରାଯିବା ସହ ଆଉ ୨ଟି ଶୃଙ୍ଖଳା ପଏ□ ମଧ୍ୟ କଟା ଯାଇଥିଲା ।୪ଶୃଙ୍ଖଳା ପଏ□ କଟା ଯିବା ଫଳରେ ସେ ୨ଟି ମ୍ୟାଚ୍‌ରୁ ନିଲମ୍ବିତ ହୋଇଛନ୍ତି ଫଳରେ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ଦିନିକିଆ। ସିରିଜର ପ୍ରଥମ ୨ଟି ମ୍ୟାଚ୍‌ରେ ସେ ଅନୁପସ୍ଥିତ ରହିବେ ।

# ରାଜ୍ୟ ବିଦ୍ୟାଳୟ ସମୂହ ରଗବୀ ଫୁଟବଲ ପ୍ରତିଯୋଗିତା



ବାରିପଦା,୫।୧୧: ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ରଗବୀ ଫୁଟବଲ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇ ଆର ସି ଭିଲେଜ, ଭୁବନେଶ୍ୱର ଅନୁଷ୍ଠିତ ହୋଇଯାଇଅଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୪୮ ଜଣ କ୍ରୀଡାବିତ୍ର ଯୋଗ ଦେଇଥିଲେ ।୧୭ ବର୍ଷରୁ କମ ବାଳକ ବିଭାଗ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ନେବଦା, ଯଶିପୁର ର ପିଇଟି ପ୍ରକାଶଚନ୍ଦ୍ର ସୋଏ ଓ ବାଳିକା ବିଭାଗ ଟିମ ମ୍ୟାନେଜର ଭାବେ ମା ବାସନ୍ତୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଧୋବାନୀଶୋଳ ର ପିଇଟି ଉର୍ମିଳା ମୁଣ୍ଡା ଏବଂ ୧୪ ବର୍ଷରୁ କମ ବାଳକ ବିଭାଗ ଟିମ ମ୍ୟାନେଜର ସରକାରୀ ଉଚ୍ଚ ବିଦ୍ୟାଳୟ,ଦୁନ୍ଦୁ ର ପିଇଟି କ୍ରିଷ୍ଣା ଟୁଡୁ ଓ ବାଳିକା ବିଭାଗ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଧଳପୁର ର ପିଇଟି ଆଶାଲତା ମୁର୍ମୁ ଙ୍କ ନେତୃତ୍ୱରେ ମୟୂରଭଞ୍ଜ ଟିମ ଯୋଗ ଦେଇଥିଲେ । ରାଜ୍ୟ ବିଦ୍ୟାଳୟ ସମୂହ ରଗବୀ ଫୁଟବଲ ପ୍ରତିଯୋଗିତା ମୟୂରଭଞ୍ଜ ଜିଲ୍ଲାର ୧୪ ବର୍ଷରୁ କମ ବାଳକ ବିଭାଗ ଚମ୍ପିୟାନ ଓ ୧୪ ବର୍ଷରୁ କମ ବାଳିକା ଏବଂ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ତିନୋଟି ବିଭାଗ ରନର୍ସଅପ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏହି ଟିମ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

**ମୟୂରଭଞ୍ଜ ୧୪ ବର୍ଷରୁ କମ ବାଳକ ବିଭାଗ ଚମ୍ପିୟାନ ଓ ୧୪ ବର୍ଷରୁ କମ ବାଳିକା ଏବଂ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ତିନୋଟି ବିଭାଗ ରନର୍ସଅପ**

# ଅଶ୍ୱିନଙ୍କୁ ଝଟ୍‌କା

ନୂଆଦିଲ୍ଲୀ, ୪।୧୧ : ରବିଚନ୍ଦ୍ରନ ଅଶ୍ୱିନଙ୍କୁ କ୍ରିକେଟ ମେଦାନରେ ଫେରିବା ଲାଗି ଅପେକ୍ଷା କରିବାକୁ ପଡ଼ିବ ସେ ବିଗ୍ ବେଶ ଲିଗର ଆଗାମୀ ସିଜନରେ ଖେଳିବାରେ ଥିଲେ କିନ୍ତୁ ଆହତ କାରଣରୁ ବାହାର ହୋଇଯାଇଛନ୍ତି। ଅଶ୍ୱିନ ନିଜେ ସୋସିଆଲ ମିଡ଼ିଆରେ ଏକ ଲମ୍ବା ଷ୍ଟେଟମେ□ ଜାରି କରି କହିଛନ୍ତି କି, ସେ ସିଡନୀ ଥଣ୍ଡର ଲାଗି ଖେଳିପାରିବେ ନାହିଁ ଅଶ୍ୱିନ, ସିଡନୀ ଥଣ୍ଡର ଲାଗି ପୂରା ସିଜନ ଖେଳିବାରେ ଥିଲେ ମେଦାନରେ ଓହ୍ଲାଇବା ମାତ୍ର କେ ସେ ଭାରତର ଏଭଳି ପ୍ରଥମ ପୁରୁଷ କ୍ରିକେଟର ହୋଇଥାନ୍ତେ ଯିଏ ବିବିଏଲରେ ଖେଳିଛନ୍ତି ଅଶ୍ୱିନଙ୍କ ଆଣ୍ଠୁରେ ଆଘାତ ଲାଗିଛି ସେ ଯଦି ଖୁବଶୀଘ୍ର ରିକୋଭରି କରିପାରିବେ ତ ସିଡନୀ ଥଣ୍ଡର ମଧ୍ୟ ସିଜନ ତାଙ୍କୁ ଖେଳିବାକୁ ଡାକିପାରେ । ସୋସିଆଲ ମିଡ଼ିଆରେ ଜାରି ଷ୍ଟେଟମେ□ ମାଧ୍ୟମରେ ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି କି, ଚେନ୍ନାଇରେ ବିବିଏଲର ଆଗାମୀ ସିଜନର ପ୍ରସ୍ତୁତି କରି ମୋତେ ଆଣ୍ଠୁରେ ଆଘାତ ଲାଗିଛି ମୁଁ ଯା□ କରିଛି, ଯାହାର



ଫଳ ସ୍ୱରୂପ ଏହା ବାହାରିଛି କି ମୁଁ ବିବିଏଲ ୧୫ରେ ଖେଳିପାରିବ ନାହିଁ । ମୋତେ ଏଭଳି କହିବାରେ ଦୁଃଖ ଲାଗୁଛି, କାରଣ ମୁଁ ଅଷ୍ଟ୍ରେଲିଆ ଫ୍ୟାନ୍ସଙ୍କ ସାମ୍ନାରେ ଖେଳିବାକୁ ବହୁତ ଉତ୍ସାହିତ ଥିଲି। ଅଶ୍ୱିନ କହିଛନ୍ତି କି, ସେ ରିକବରୀ ପରେ ନିଶ୍ଚିତ ଫେରିବାକୁ ଚାହିଁବେ ଆହତ ପରେ ବି ତାଙ୍କୁ ସିଡନୀ ଥଣ୍ଡରର ଖେଳାଳୀ ଏବଂ ଷ୍ଟାଫଙ୍କ ସପୋର୍ଟ ମିଳିଛି। ଅଶ୍ୱିନ କହିଛନ୍ତି କି ସେ ମେଦାନରେ ଓହ୍ଲାଇପାରିବେ ନାହିଁ। କିନ୍ତୁ ଥଣ୍ଡରଙ୍କ ମହିଳା ଏବଂ ପୁରୁଷ ଟିମକୁ ଚିୟର ଅପ୍ କରିବେ।

# ରାଜ୍ୟ ମହିଳା ଫିଡେ ରେଟିଙ୍ଗ ଚେସ ଚାମ୍ପିଅନସିପ ଉଦଯାପିତ

କେନ୍ଦ୍ରାପଡା,୫।୧୧: କନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ଚଳିତ ବର୍ଷ ର ରାଜ୍ୟ ମହିଳା ଫି ଡେ ରେଟିଙ୍ଗ ଚେସ ଚାମ୍ପିଅନସିପ - ୨୦୨୫ର ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ମୁଖ୍ୟ ବକ୍ତା ଭାବେ ପି ଏମ ଶ୍ରୀ ନଭୋଦୟ ବିଦ୍ୟାଳୟର ଅଧକ୍ଷ ଶ୍ରୀମତୀ ମମତା ମୟୀ ଚୌଧୁରୀ ଉପସ୍ଥିତ ରହି ଖେଳାଳି ମାନଙ୍କୁପୁରସ୍କାର ବିତରଣ କରିବା ସହିତ ଉଦବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଚେସ ଉପଦେଷ୍ଟା ସମିତି ର ଅଧକ୍ଷ ତଥା ବରିଷ୍ଠ ବ୍ୟବସାୟୀ ଓ ସମାଜ ସେବୀ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍ ର ପୂର୍ବତନ ସମ୍ପାଦକ ମନୋଜ ପରିଡା, ବଲାଙ୍ଗୀର ଚେସ ଆସୋସିଏସନ୍ ର ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ଆଇ ଆଇ ଜି ସ୍ପୋର୍ଟସ ଏକାଡେମୀ ର ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ କୁମାର ପୁହାଣ ଯୋଗ ଦେଇଥିବା ବେଳେ ଆସୋସିଏସନ୍ ର ସଭାପତି ଶ୍ରୀଯୁକ୍ତ କିଶୋର ପଣ୍ଡା,ସମ୍ପାଦକ ତଥା ଅଲ ଓଡ଼ିଶା ଚେସ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ଭବେଶ୍ ମହାନ୍ତି,କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍ ର ଉପସଭାପତି ଲଲାଟ କେଶରୀ ସାମଲ ମଂଚ ପରିଚାଳନା କରିଥିଲେ। ଏହି ମଂଚରେ କିଛି ମାନ୍ୟଗଣ୍ୟ ବ୍ୟକ୍ତି ତଥା ମାଷ୍ଟର ଚେସ ଫାଉଣ୍ଡେସନ ର ପ୍ରତିଷ୍ଠାତା ଶ୍ରୀ ବିକ୍ରମ ବିଶ୍ୱାଳ ଓ କେ ଟି ଗ୍ଲୋବାଲ ବିଦ୍ୟାଳୟ ର କ୍ରୀଡା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ଏକ ମହିଳା ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ କେନ୍ଦ୍ରାପଡ଼ାର କିଛି ପ୍ରତିଷ୍ଠିତ ମହିଳା ଯଥା ଗୁଲନଗର ପଂଚାୟତ ର ସରପଂଚ ଶ୍ରୀମତୀ ସନ୍ଧ୍ୟା ରାଣୀ ସାହୁ, ଶ୍ରୀମତୀ ରୋଜାଲିନ ମହାନ୍ତି, ଶ୍ରୀମତୀ ସମ୍ପଦ ପରିଡ଼ା, ଶ୍ରୀମତୀ ଶୁଭସ୍ମିତା ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଥାଉକି ଚାରି ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଟି ଜିଲ୍ଲା ରୁ ୩୨ ଜଣ ଖେଳାଳି ଭାଗନେଇଥିବା ବେଳେ ଖୋର୍ଦ୍ଧା ର ଯଶିତା ରାଉତ ଚାମ୍ପିଅନ, କେନ୍ଦ୍ରାପଡା ର ସ୍ୱାରକୀ ମହାନ୍ତି ଦ୍ୱିତୀୟ ଏବଂ କଟକ ର ଜୟଲକ୍ଷ୍ମୀ ସାହୁ ତୃତୀୟ, କଟକ ର ଜ୍ୟୋତିକା ସାହୁ ଚତୁର୍ଥ, କଟକ ର ନିଭ୍ରିତା ପଟ୍ଟନାୟକ ପଂଚମ, ଖୋର୍ଦ୍ଧା ର ନାୟନିକ ସାହୁ ଷଷ୍ଠ , ଗଜପତି ର ଉମା ଦଳପତି ସପ୍ତମ, କଟକ ର ସ୍ନେହ ସ୍ମିତା ରାମ ଅଷ୍ଟମ , କଟକ ର ଗିତାଶ୍ରୀ ବିଶ୍ୱାଳ ନବମ ଏବଂ କଟକ ର ଆରାୟା ମହାନ୍ତି ଦଶମ ସ୍ଥାନ ଅଧିକୃତ କରିଛନ୍ତି। ଏଠି ମଧ୍ୟରୁ ଶ୍ରେଷ୍ଠ ଚାରିଜଣ ଖେଳାଳି ଜାତୀୟ ମହିଳା ଚେସ ଚାମ୍ପିଅନସିପ ରେ ଯୋଗ ଯୋଗ ଦେବା ପାଇଁ ଚୟନିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳି ଙ୍କୁ ନଗଦ ୧୫୦୦୦ ଟଙ୍କା,ଦ୍ୱିତୀୟ ସ୍ଥାନ ରେ ଥିବା ଖେଳାଳି ଙ୍କୁ ୧୦୦୦୦ ଟଙ୍କା, ତୃତୀୟ ସ୍ଥାନ ରେ ଥିବା ଖେଳାଳି ଙ୍କୁ ୫୦୦୦ ଟଙ୍କା ପୁରସ୍କାର ରାଶି ଦିଆ ଯାଇ ଥିବା ବେଳେ ଶ୍ରେଷ୍ଠ ୧୫ଜଣ ଓ ସ୍ଥାନୀୟ ୧୭ ଜଣ ଖେଳାଳି ଙ୍କୁ ମୋଟ ୫୩୦୦୦ ଟଙ୍କା ନଗଦ ପୁରସ୍କାର ସହିତ ଆକର୍ଷଣୀୟ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ